# ପିଲାଙ୍କ କଥା

## (ଭୂୟାଁ)

## ଦ୍ୱିତୀୟ ଭାଗ



# ପିଲାଙ୍କ କଥା (ଭୂୟାଁ)

## ଦ୍ୱିତୀୟ ଭାଗ

**ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମ ଆଧାରରେ ପିଲା ଓ ଶିକ୍ଷକଙ୍କ ନିମନ୍ତେ ଅତିରିକ୍ତ ପୁସ୍ତିକା**


ନିର୍ଦ୍ଦେଶକ
ପ୍ରଫେସର ଅଖିଳ ବିହାରୀ ଓତା

ପ୍ରସ୍ତୁତି
ଭୂୟାଁ ସଂସାଧକ ମଣ୍ଡଳୀ
ଶ୍ରୀ ଦୀନବନ୍ଧୁ ନାଏକ
ଶ୍ରୀ ଲକ୍ଷ୍ମଣ କୁମାର ପ୍ରଧାନ

ସଂଯୋଜନା
ଡ଼ଃ ପରମାନନ୍ଦ ପଟେଲ

ଅଳଙ୍କରଣ
ପ୍ରିୟରଞ୍ଜନ ବରାଳ



ପ୍ରକାଶକ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର



Director :
**Prof. (Dr.) A.B. Ota**

Prepared by :
**Bhuyan Resource Group**
**Sri Dinabandhu Naik**
**Sri Laxman Kumar Pradhan**

Co-ordinator :
**Dr. Paramananda Patel**

Illustration :
**Priyaranjan Baral**



Published by :
**Academy of Tribal Languages & Culture**
ST & SC Development Department,
Govt. of Odisha, Bhubaneswar

# ମୁଖବନ୍ଧ

ଆମ ଓଡ଼ିଶାରେ ୬୨ ଜନଜାତି ସମ୍ପ୍ରଦାୟ ବସବାସ କରନ୍ତି । ଏମାନଙ୍କ ମଧ୍ୟରେ ୨୨ ଗୋଟି ଭାଷା ପ୍ରଚଳିତ ଥିବାର ନଜରକୁ ଆସିଛି । ପୁନଶ୍ଚ ପ୍ରତ୍ୟେକ ଜନଜାତି ଗୋଷ୍ଠୀର ଆଞ୍ଚଳିକତା ଭେଦନେଇ ଏହି ଭାଷାଗୁଡ଼ିକ ଅନେକ ଉପଭାଷା; ବୋଲି ତିଆରି କରି ଦେଇଛି । ତେଣୁ ଏହା ବିଚାରକୁ ନେଲେ ଅନେକ ଭାଷା-ଉପଭାଷାର ସମାହାର ଏକ ବୈଚିତ୍ର ପରିବେଶ ସୃଷ୍ଟି କରେ ।

ଦ୍ୱିତୀୟତଃ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଯେଉଁ କେତେକ ବିଦ୍ୟାଳୟ ପରିଚାଳିତ ସେଠିକାର ଭାଷା ବ୍ୟବସ୍ଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍କୁଲଠାରୁ ଭିନ୍ନ । ଏଠାରେ ପଢୁଥିବା ପିଲାମାନଙ୍କ ପାଇଁ ଆବାସିକ ସୁବିଧା ଥିବାରୁ ବାହାର ଅଞ୍ଚଳରୁ ଓ ଭିନ୍ନ ଭିନ୍ନ ଗୋଷ୍ଠୀରୁ ପିଲାମାନେ ଆସନ୍ତି । ପ୍ରତ୍ୟେକଙ୍କ ଭାଷା-ସଂସ୍କୃତି ଅପରଠାରୁ ଭିନ୍ନ । ଏକୁ ଆରେକ ବୁଝିବାରେ ଅକ୍ଷମ । ପୁଣି ଏମାନେ ରାଜ୍ୟ ବ୍ୟବସ୍ଥାରେ ପାଠ ପଢ଼ନ୍ତି । ଶିକ୍ଷକ ମଧ୍ୟ ରାଜ୍ୟ ବ୍ୟବସ୍ଥା ସହ ଜଡ଼ିତ, ତେଣୁ ଏଠାରେ ପ୍ରକୃତରେ ଏକ ବହୁ ଭାଷିକ କ୍ଷେତ୍ର ପ୍ରସ୍ତୁତ ହୁଏ; ଯେଉଁଠି ଶିକ୍ଷକ ପାଇଁ ସ୍ୱତନ୍ତ୍ର ଦକ୍ଷତାର ଆବଶ୍ୟକତା ଦେଖାଦିଏ ।

ଏହି ଦକ୍ଷତା ସାଧନକୁ ପୂର୍ତ୍ତି କରିବା ପାଇଁ କିଛି ଶିକ୍ଷଣୀୟ ସାଧନ ପୁସ୍ତିକା ସହ ସ୍ୱତନ୍ତ୍ର ତାଲିମ୍ ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହୁଏ, ଯାହା ଭିନ୍ନ ଭିନ୍ନ ଭାଷା-ସଂସ୍କୃତିର ପିଲାମାନଙ୍କୁ ଏକତ୍ର ବାନ୍ଧିବାରେ ଓ ଶିକ୍ଷଣ ପ୍ରକ୍ରିୟାରେ ସାମିଲ୍ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ ।

ପଦକ୍ଷେପ ସ୍ୱରୂପ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରାଥମିକ ଶିକ୍ଷକମାନଙ୍କୁ ବହୁଭାଷୀ ଶିକ୍ଷଣରେ ଦକ୍ଷତା ହାସଲ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ ସହ ପର୍ଯ୍ୟାୟ କ୍ରମେ ତାଲିମ୍ ପ୍ରଦାନ କରାଯାଉଛି । ଦ୍ୱିତୀୟତଃ, ପ୍ରଥମ, ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ପାଇଁ ପାଠ୍ୟ ପୁସ୍ତକ ଆଧାରିତ ଶବ୍ଦକୋଷ, ଯାହା ଶିକ୍ଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ତୃତୀୟତଃ ପିଲାମାନଙ୍କ ପଢ଼ିବା ପାଇଁ ତାଙ୍କ ଭାଷା, ସଂସ୍କୃତି ଓ ପରମ୍ପରା ଓ ରାଜ୍ୟ ଭାଷା ଆଧାରିତ କିଛି ମନଛୁଆଁ ଚିତ୍ରଭିତ୍ତିକ କାହାଣୀ, ଗୀତ-ପହଳିର ଅତିରିକ୍ତ ପୁସ୍ତିକା ପ୍ରସ୍ତୁତ କରାଯାଉଛି ।

ଏହା ପିଲାମାନଙ୍କୁ କେବଳ ଯେ ଆନନ୍ଦ ଦେବ ତା ନୁହେଁ, ତାଙ୍କ ସଂସ୍କୃତିର ଅନେକ ଉପାଦେୟ ବିଷୟ କିପରି ମୁଖ୍ୟ ସଂସ୍କୃତିକୁ ପ୍ରଭାବିତ କରୁଛି ତା ଉପରେ ଧାରଣା ଦେବ ।


ପ୍ରସ୍ତୁତ ଭୂୟାଁ ଭାଷାର ଦ୍ୱିତୀୟ ଭାଗ ସନ୍ନିବିଷ୍ଟ କାହାଣୀ ଗୁଡ଼ିକରେ ସ୍ଥାନୀୟ ସାଂସ୍କୃତିକ ଉପାଦାନକୁ ପ୍ରାଧାନ୍ୟ ଦିଆଯାଇଛି । ଏକ ବୃହତ୍ତର ଜନ ସମୁଦାୟର ସଂସ୍କୃତି କିପରି ପରସ୍ପରକୁ ପୁଷ୍ଟ କରିଛି ଓ ନିଜର କରିଛି ତାର ଏକ ଝଲକ ଏହି ପୁସ୍ତିକାରୁ ମିଳିପାରିବ ।

**ଅଖିଳ ବିହାରୀ ଓତା**




# ଦି ଭାଇ ଭଅଣୀ ଆଉ ବାଘ

ଗୁଟେ ରାଇଜେ ଦୁଇ ବୁଢ଼ାବୁଢ଼ୀ ଥିନାଇଁ । ତାଙ୍କର ଟକିଟିଏ ଟକାଟିଏ ଥିନାଇଁ । ବୁଢ଼ାବୁଢ଼ୀ ଭୋକ୍‌ଟାରେ ମରିଯିମାଇଁ ଭାବିକରି ଟକାଟା ବଣ୍‌କଇ କାଠ୍ ଆଣିବାକଇ ଯାଏ । ଏମନ୍ତ୍ କରି ଘର୍ ଚଲାଏ । ଆଉ ଟକିଟା ଘରେ ଭାତ୍ ତୁଣ୍ ରାନ୍ଧଇ । ଏମନ୍ତ୍ ଦିନେ ଟକାଟା କାଠ୍ ଆଣିବାକଇ ଯା ଥିଲା । ଗୁଟେ ବାଘ୍‌ଟାଇ ଦେଖିଲା । ବାଘ୍‌ଟା ବଲା, "ମୁଇଁ ଇଲାଗ୍ ତକଇ ଖାବି" । ଟକାଟା ବଲା ମକଇ କିସ୍‌କଇ ଖାବେ । କାଲ୍‌କି ଆମର୍ ପୁନୁଇଁ ପିଠା ଖାବାକଇ ଯିବେ । ହିଁ ବଲେ ବାଘ୍‌ଟା ହଁ ବଲା । ବାଘ୍‌ଟା ତାର୍ ମନେ ମନେ କହଥାଇ, ଗନେ ତା ଭାଇ ଭଣୀକଇ ଖାଇଦେବି । ଟକାଟା ଆଇଲା କାଠ୍‌ଲା ବିକି ନେଲା, ପଇସା ଆଣି ଅଟା, ବେସନ୍, ଭୁଜା ଘେନିଲା । ଘର୍‌କଇ ଆଣିଲା । ଭଣୀକରକଇ ବଲା ଏଗା ପିଠାକର୍ । ବାଘ୍‌ଟା ଖାଇ ଆସିଆକ୍ । ଭଣୀକ  ଇଲାଗ୍ ପିଠା ବନାଇଁ ତବେ ବଲା । ଟକାଟା ବଲା ଭଣୀ, "ବାଘ୍‌ଟା ଆଇଲେ କେଁଠି ବସିଆକ୍ ?" ଭଣୀକ ବଲା ହାଇ କୂହୁ ଉମ୍ପୁରେ ପଟିଆଟା ବିଛାଇ ଦେବେ ଯା ବଲି କହିଲା । ଟକାଟା ହଁ କଲା ଗଲା ଯେ କୂହୁ ଉମ୍ପୁରେ ପଟିଆଟା ବିଛାଇ ଦେଲା । ତା'ର ଭଣୀକ ପିଠାଲା ବନାଥାଇ । ବାଘ୍ ମାମୁଁ ଡାକିଲା । ଟୁରା ହଁ କଲା । ଆଉ ବାହାରି ଆଇଲା । ବାଘ୍ ଟୁରାକି କହିଲା, ଆଉ ଭଲ୍ ଭାଲ୍‌ତା ? ଟୁରା ବାଘ୍‌କଇ ବିଛ୍‌ଣାକଇ ବସ ବଲା । ତା'ର ଭଣୀକ ପିଠା ଆଣି ଦେଲା । ବାଘ୍ ମାମୁଁ ଗେଲା, ବିଛ୍‌ଣାରେ ବସ୍‌ବି ବଲଥାଏ, କୂହୁ ଭିତର୍‌କଇ ଝଲିଲା । ବାଘ୍‌ଟା ବଲା ଭଲେ ଜାଣି ପାରିଲ । ନାହେନେ ତକଇ ବଣ୍‌କି ନି ଯାଇଥିତି । ସିଠି ଝଟ୍‌କି ଝଟ୍‌କି ବାଘ୍ ମଲା ।



# ଖପରି ଝିଅ

ଏକ ଥିଲା ସାଦ୍‌ବ ବୁଢ଼ା । ତାର ସାତ୍‌ଟି ଟକି ଥିଲାଇ । ସାତ୍‌ଟା ଯାକ ଟକି ବାହା ହି ଥିଲାଇ । ଦିନେଁ ଶାଗ୍ ତଳି ଗଲାଇ । ଶାଗ୍ ତଳି ଗଲାଇ । ଶଗ୍ ତଳି କରି ଆଇଲାଇ, ରାନ୍ଧିଲାଇ, ଖାଲାଇ ଯେ, ସାନ୍‌ଟାକଇ ନାଁ ପହଁଚିଲା । ସିଏ ରନ୍ଧା ହେ ଥିବା ଖପରିଟା ଚାଟି କରି ଖାଲା । ସବୁରି ନକ୍ ନକିଆ ଛୁଆ ହେଲାଇ । ସାନ୍‌ଟାର ଖପରି ଛୁଆ ହେଲା । ସବୁ ଛୁଆଳା ବଡ଼୍ ହେଲାଇ ଆଉ ଇସ୍‌କୁଲ କଇ ପାଠ୍ ପଢ଼ିବାକଇ ଗେନାଁଇ । ଦିନ୍‌କର କଥା – ଛଅ ଯାକ ଛୁଆ କଥା ହେଲାଇ । ଚାଲ ଆମେଁ ଇସ୍‌କୁଲ କଇ ଯିଆ ହାର୍ ଖପରି କଇ ନାଁ ନେଁମା । ତାହାଙ୍କର କଥା ଖପରି ଶୁଣ ଥିଲା । ତାର ମାଁ କର କଇ ବଲା ମାଁ ଗୋ ମାଁ ମୁଇଁ ଇସ୍‌କୁଲ ଯିଇ । ମାଁ ତାର ବଲା ଯା ଥା ତା ତକଇ ମାଣ୍ଡି ଦେନେଁ ଖୁଲ୍ କରିବେ । ଖପରି ବଲା ନାଁ ମାଣ୍ଡନ୍ତି୍ ଗ ମାଁ ମକଇ । ମୁଇଁ ଇସ୍‌କୁଲ ଯିଇ । ହେଠୁଁ ପାଠ୍ ପଢ଼ିବାକଇ ଗଲା । ଆଉ ଆଗ୍‌ରେ ଘର୍‌କଇ ଆଇଲା । ଆଉ ଥରେ ଛଅ ଭଣୀର ଛୁଆଳା ବଲାଇ ଆଜି ଆମେଁ ଯାତ୍‌ରା ଦେଖ୍ୱି ଯିଆ ହାର୍ ଖପରି କି ନାଁ ନେମାଁ । ସବୁ କଥା ଖପରି ଶୁଣଥିଲା । ଖପରି ବଲା ମାଁ ଗ ମାଁ ମୁଇଁ ଯାତ୍‌ରା ଦେଖ୍ୱି ଯିଇ । ମାଁ ତାର୍ ବଲା ଯା ଥା ତା ତକଇ ମାଣ୍ଡି ଦେନେ ଖୁଲ୍ କରିବେ । ନାଁ ମାଣ୍ଡନ୍ତି୍ ମକଇ, ମୁଇଁ ଯାତ୍‌ରା ଦେଖ୍ୱି ଯିଇ ।



ଯାତ୍‌ରା ଦେଖିଗଲା । ଖପରିଟାକଇ ରଖିଲା ଆର୍ ସୁନ୍ଦରୀ ଝୀଇଟାଇ ପଦାକଇ ବାହାରିଲା । ଟକିଟା ଯାତ୍‌ରାରୁ ସମାନ୍ ଘେନିଲା ଆଉ ଥରେ ଖପରିକଇ ଢୁକିଲା । ଘର୍‌କଇ ଗଲା ଆର୍ ସବ୍‌କଇ ମିଠାଇ ବାଣ୍ଟିଲା । ଯାତ୍‌ରାରେ ଖପରି କଇ ରଜା ଦେଖି ଦି ଥିଲା । ରଜା ସାତ୍ ଭଣୀର ଘର୍‌କଇ ଗଲା । ସାତ୍ ଭଣୀ କି ବଲା ମୁଇଁ ସାତ୍‌ଟା ଫୁଲ୍ ଦେଖିଛଇଁ  ଯେ ଗୁଟାଇ ଫୁଲ୍ ଦେବ କି ? ସାତ୍ ଭଣୀ ବଲାଇ ତମେ କାହାକେ ମନ୍‌କଇ କରଛ । ମୁଇଁ ଖପ୍‌ରିକେ ମନ୍ କରିଛଇଁ ବଲା । ହେଠୁଁ ଖପରିକେ ରଜା ସାଙ୍ଗେ ବାହାଗର୍ କଲାଇ । ରଜା ଘର୍‌କଇ ଖପରି ଖପରିକେ ଗଲା ବଲକଇ ରଜା ପିଲାଟା ଗାଡ଼ିକଇ ଗଲା । ବାହୁଡା ହିଁ ସେମନ୍ତ୍ ଆସିନାଇଁ ଆଉ ଘର୍‌କଇ ଫେରିଲାଇଁ । ଦିନେଁ ଶାଶ୍‌କ ଭୁଜା ଭାଜୁଁ ଭାଜୁଁ ଖପରିର୍ ଖପରାଟାକଇ ଭାଙ୍ଗି ଦେଲା । ଖପରି ଦିନେଁ ଘର୍ ଆଲେ ବୁଲିକରି ଆସଇଁ ବଲା । ଖପରିଟାକଇ ଅଣ୍ଡାଲିଲା । ହେତ୍‌କି ବଲେ ଶାଶ୍‌କ ବଲା କିଟା ଖଜଛସି ଗ ବଉ । ଖପରି ବଲା ମର୍ ଖପରିଟା ଖଜଛଇଁ । ଶାଶ୍‌କ ବଲା ମୁଇଁତା ଭୁଜା ଭାଜଥିଲି ଯେ ଭାଙ୍ଗିଗଲା । ଖପରି ଝଟ୍‌କିନା କାନ୍ଦିଲା । ପିଲାଟା ଗଲା ଯେ ଆଉ ଗୁଟେ ଘେନି ଆଣି ଦେଲା । ଖପରି ଉସତ୍ ହେଲା । ପରେ ଦିହେଁ ଘର୍ ସଂସାର କରି ରହିଲାଇଁ ।



# ବୁଢି ଅସୁରୁଣୀ

ଗୁଟେ ଗାଁରେ ବୁଢ଼ିଟାଇ ଥିଲା । ତାର ଗୁଟେ ବଲି ପୁଅ । ମାଆଁ ପୁଅ ଦୁଃଖେ ସୁଖେ ବଂଚୁଥାନ୍ତି । ବୁଢ଼ି ଘରେ ଛେଳି କେତେ ମୁଣ୍ଡ ରଖିଥାଏ । ପୁଅକ ଦିନ୍ ବଣକଇ ଛେଳି ଚରାଇ ନେଇଁ, ସଂଜ ହେନେ ଘରକଇ ଛେଳି ଆଣଇଁ । ଦିନ୍ ଛେଳି ଚରାଇ ନେଇଁ ବଳେ ଘରେ ମାଁକ ପିଠା ବନାଇଁ କରି ଦିଥାଇ ଯେ ବଣରେ ବଖ୍ କରଇ ବଳେ ଖାଇ । ଦିନେ ଟକାଟା ଭାବିଲା ମାଆଁ କେତେ ଦିନ୍ ଦିନ୍ ମକଇ ପିଠା ବନଇଁ ଦେଆକ୍ । ଭଇଛଇଁ ଠାଣୁ ଗୁଟେ ଲଗାନେ ପିଠା ଫଳି ତାକ୍ ବଳେ ମୁଁଇ ଦିନ୍ ଦିନ୍ ଖାଇତି । ଇକଥାଟା ଭାବିକରି ଦିନେ ପିଠାଟାଇ ଭୂଇଁକେ ଲଗାଇ କରି ପାଣି ଦେଲା, ଆଉ କହିଲା – କାଲିକି ମୁଁଇ ଆସିବି ବଳେ ଗଜା ହି ଥିବେ । ସତ୍‌କୁ ସତ୍ ଆରଦିନ ଆସିଲା ବଳେ ପିଠା ଗଜା ହି ଥିଲା । ସେଦିନ ହିଁ ପାଣି କୁଟିଏ ଦି କରି କହିଲା – କାଲିକି ଆସିବି ବଳେ ପତର୍ ମେଲିଥିବେ । ଆର୍ ଦିନ୍ ଆସିକରି ଦେଖିଲା ଯେ ପତର୍ ବାହାରିଛି । ସେଦିନ ପୁଣି କହିଲା, କାଲିକି ଆସିବି ବଳେ ବଡ଼ ଗଛଟାଇ ହିଁ କରି ପିଠା ଫଳିଥିବେ । ଟକାଟା ଆରଦିନ ଛେଳି ଆଣି କରି ଦେଖିଲା ଯେ ଗଛରେ ପିଠା ଫଳିଛି । ଛେଳିଆ ଟକା ବଢ଼େ ରହଁସ୍ ପହଁସ୍ ହିଁ କରି ପିଠା ଗଛକଇ ଉଠିକରି ପିଠା ତଳି ତଳି ଖା ଥାଏ । ଏତ୍‌କି ବଳେ ଗୁଟେ ବୁଢ଼ି ଅସୁରୁଣୀ ଆସିଲା । ଟକାଟାକଇ ବଲା– ଦେବ ନନ ମକଇଗୁଟେ ପିଠା ଦେ ଖାଇ ଦେଖଇଁ, ବଢ଼େ ବଖ୍ କରଛି । ଟକାଟା ବଲା ନେ ଛିଣ୍, ପକାଇ ଦେବି ।



ଅସୁରୁଣୀ ବୁଢ଼ି କହିଲା ମୁଁଇତା ନନ ଛିଣି ନା ପାରଇଁ, ବୁଢ଼ି ଲୋକ୍, ଅଦରାଇ କରି ଧେରାଇ ଦେ ଯେ ଖାବି । ଅସୁରୁଣୀ ବୁଢ଼ିର କଥା ଶୁଣି ପିଠା ତଳି କରି ଅଦରିଲା ଆଉ ଧେରାଇ ଦେଲା । ଏତ୍‌କି ବଳେ ଅସୁରଣୀ ବୁଢ଼ି ପିଲାଟାକଇ ଠପ୍ କରି ଧେରି ପକ୍‌ଲା ଆଉ ବସ୍ତାରେ ଜଳି ଜଗାଳି କରି ଭଇଲା । ଭଇମନ୍ କଲା ଯେ  ଭଇମନ୍ କଲା ଯେ ବାଟରେ ତାହାକଇ ବଢ଼େ ଶଷ କଲା ।  ଅସୁରୁଣୀ ବୁଢ଼ି ଦେଖିଲା ଯେ ଝଣେ ନଙ୍ଗଳିଆ ତା'ର ବିଲ୍‌ରେ ହଳ ଧେରଛି । ତାହାକଇ ଅସୁରୁଣୀ ବୁଢ଼ୀ ବଲା ଏ.. ଏକ୍ ନଙ୍ଗଳିଆ କେଁଠି ପାଣି ? ଏକ୍ ନଙ୍ଗଳିଆ କହିଲା ହେଇ ଦି ନଙ୍ଗଳିଆ ଟିକି ଯାଆ । ଯେଠି ଦିଝଣ ହଳ ଧେରଥିଲାଇ ସେଳାକଇ ଯାଇକରି ପଚାରିଲା ଏ.. ଦି ନଙ୍ଗଳିଆ କେଁଠି ପାଣି ? ସି ନଙ୍ଗଳିଆ ଦିଝଣକ କହିଲାଇ – ଆମେ ଜାଣି ନାହିଁ, ହେଇ ତିନିଝଣ ହଳ ଧେରଛନ୍ତି ସେଳାକଇ ପଚାରିବେ । ଯେ ସେଠି ହିଁ ସିମିତି ପଚାରିଲା ଏ ତିନ୍ ନଙ୍ଗଳିଆ କେଠି ପାଣି । ଇମିତି କରି ଏକ ନଙ୍ଗଳିଆ, ଦୁଇ ନଙ୍ଗଳିଆ, ତିନି ନଙ୍ଗଳିଆ, ଚାରି ନଙ୍ଗଳିଆ, ପାଞ୍ଚ ନଙ୍ଗଳିଆ, ଛଅ ନଙ୍ଗଳିଆ ଆଉ ଶେଷରେ ସାତ୍ ନଙ୍ଗଳିଆ ଟିକି ଅସୁରୁଣୀ ବୁଢ଼ି ପଚାରି ପଚାରି ଗଲା । ସାତ ନଙ୍ଗଳିଆ କହିଲାଇ ଯେ ହେଇ ଦେଖ୍ ଯେଉଁବାଟେ ବଗ୍ ଉଡଛନ୍ତି ସିଠି ପାଣି ଆଛି । ବୁଢ଼ି ତା ଭଇ ଭଇ ଥକିଛିନେ । ବୁଢ଼ି ବଲା ମର ବସ୍ତାଟା ଇଠି ଥାଉ, ଦେଖି ଦେ ଥିବ, ମୁଇଁ ପାଣି କଟିଏ ପିଇକରି ଆସଇଁ ।



ସାତ ନଙ୍ଗଳିଆ ହଁ ବଲାଇ । ବୁଢ଼ି ବସ୍ତାକି ରଖି ଦେଣି ଚାଲିଲା ପାଣି ପିଇ, ଏତ୍‌କି ବଳେ ବସ୍ତା ଭିତ୍‌ରୁ ପିଲାଟା ବଲା – କିଏ ଆଛ ଯେ ଆସ ଭାଇ ଧରମ୍ କର, ମକଇ ଏଇ ଅସୁରୁଣୀ ବୁଢ଼ିଟା ଖାବାକଇ ନେଁଛି । ସାତ ନଙ୍ଗଳିଆ ବସ୍ତା ଭିତ୍‌ରୁ ମୁଣୁଷ୍ କଥା ଶୁଣି କରି ଆସି ଫିଟାଇ ଦେଖିଲାଇ ଯେ ପିଲାଟା ତାଙ୍କର ଗାଁର ବୁଢ଼ୀର ପୁଅ । ପଛେ ତାହାକଇ ବସ୍ତାରୁ ବାହାର କରି ବସ୍ତା ଭିତ୍‌ରେ ହୁଁଟାଳ, ଟାଙ୍ଗର, ଆଉ କଣ୍ଟା ଜଗାଳି ଦେଲାଇ । ବୁଢ଼ୀ ଅସୁରୁଣୀ ପାଣି ପିଇକରି ଆସିଲା । ଆଉ ଥରେ ବସ୍ତାକି ଭୁଇକରି ଚାଲିଲା । ହୁଁଟାଳ ଆଉ ଟାଙ୍ଗର ଜୁର୍ ଭାରି କରଇ ବଳେ ବୁଢ଼ି ଅସୁରୁଣୀ ବଲଇ ରଅ କେତେ ଭାରି କରଛସି ଘରକଇ ନେନେ ଭଲକରି ଥକାମରାଟା କରିଦେବି । ଆଉ ଥରେ କଣ୍ଟାଳା କେଞ୍ଝି ହେଇବଳେ ଅସୁରୁଣୀ ବୁଢି ବଲଇ ର..ଅ.. ଶଳା ଟକା ମକଇ କେବି ଲାଗଛି, କେବ୍‌ନା; କେତେ କେବିଏ, ଘରକଇ ପହଞ୍ଚିନେ ତକଇ ସିଜାଇ କରି ଖାଇଦେବି । ଇମିତି କରି ବୁଢ଼ି ଅସୁରୁଣୀ ପହଁଚିଲା ତାର ଘରେ । ଘରକଇ ପହଁଚି କରି ତା'ର ଝିଇ କରକଇ ଡ଼ାକିଲା । କହିଲା ନନୀ, "ଆଜି ବଢ଼ିଆଁ ଜିନିଷ ଆଣିଛଇଁ, ରାନ୍ଧିବାଢ଼ି କରିଥିବେ, ମୁଇଁ ଆସିନେ ମାଆଁ ଝିଅ ବସିକରି ଆରାମ୍‌ରେ ଖାବା ।" ଇମିତି କହିଦେଣି ବୁଢ଼ି ଗଲା ବୁଲି । ଅସୁରୁଣୀ ବୁଢ଼ିର ଝିଇକ ବସ୍ତା ଫିଟାଇ କରି ଦେଖିଲା ଯେ ବସ୍ତା ଭିତରେ ଟାଙ୍ଗର, ହୁଁଟାଳ ଆଉ କଣ୍ଟାଳା ଆଛି । ଝିଇକ ବଲା– ଛି.. ଇ.. ଇଳାକଇ ରାନ୍ଧିଏ, ବାଢ଼ିଏ ବଲି ବୁଢ଼ି କହଇ ।



ସେଠାଣୁ ଫିଙ୍ଗିଲା ଘରୁ ପଦାକଇ । ବୁଢ଼ି ଆସିଲା, ଝି କରକଇ ପଚାରିଲା ରାନ୍ଧିଲେ ଝିଅ । ଝି କ ବଲା ଖାବେ ଯାଆ ହିଁ କଣ୍ଟାଳା, ହୁଣ୍ଟାଳ୍ଳା ଆଉ ଟାଙ୍ଗର୍ଳା ।ବୁଢ଼ିବଲା ନାଇଁବ, ମୁଇଁତା କେଡ଼େନିକ ଟକାଟାଇ ଆଣିଥିଲି । ସିଠି ପାଣି ପିଇ ଗଲିବଳେ ପଲ୍ଲା କିସ । ର.. ଅ.. କାଲିକି ଶଳାକୁ ବାଟ୍ରେ ନାଁ ରଖଇଁ । ସିଧା ଘରକଇ ଭଇପଳାବି । ଆର ଦିନ ସିମିତି ଅସୁରୁଣୀ ବୁଢ଼ି ଗଲା ଆଉଥରେ ପିଠାଗଛ ମୂଳକଇ ଦେଖିଲା ଯେ ପିଲାଟା ଗଛ୍ରେ ବସିକରି ପିଠା ଖାଇ ଲାଗଛି । ଆଗର ଦିନର୍ ମିତି ପିଠା ମାଗିଲା, ଆଉ ଧେରଣି ବସ୍ତାରେ ଭର୍ତ୍ତି କରି ଘରକଇ୍ ନେଲା । ଘରେ ଝି କରକଇ ଦି କରି ବଲା କାଲର ସିନା ମୁକୁଳି ଥିଲା, ଆଜି ଆଣିଛଇ ରାନ୍ଧି ବାଢ଼ି କର୍, ମୁଇଁ ମାଉଁସୀ ଘରଟିକି ଯାଇ ଘଡ଼ିଏ ବୁଲି କରି ଆସଇଁ । ବୁଢ଼ି ପଲ୍ଲା ଯେମ୍ତି ଅସୁରୁଣୀ ବୁଢ଼ୀର ଝିକ ବସ୍ତାଟା ଖୋଲି ଦେଖିଲା ଯେ କେଡ଼େ ନିକ ଟକାଟିଏ ଆଛି । ଅସୁରୁଣୀ ବୁଢ଼ିର ଟକିଟା ଚିନ୍ତା କଲା ମୁଇଁ ଇଆକଇ ଢ଼େଙ୍କିରେ ଧାନ କୁଟିବା ବଲିବି ହେଲା, ତାହାକଇ କୁଟିକରି ମାରିଦେବି । ଟକିଟା ବଲା ଆଇ ଘରେ ଥାଆ, ପିନ୍ଧିଛସି, ଅଙ୍ଗି, ଆଉ ଜଙ୍ଘିଆଟା ବଦଳାଇ ଦେ । ଧାନ୍ କୁଟିବା ଭାତ୍ ରାନ୍ଧିବା ହେଲା ଖାବା । ଟକାବା ହଁ ବଲା । ଟକାଟା କହିଲା ଦେ ତର ଲୁଗାଟା ପିନ୍ଧି ଦେଖଇ କେମନ୍ତ୍ ଦିଶଇଁ । ଟକିଟା ଲୁଗାଟା ତାର ଦେଲା । ଆଉ ଥରେ ଟକାଟା ବଲା ଦେ ତର ଛାୟାଟା ପିନ୍ଧି ଦେଖଇଁ, ଟକିଟା ଛାୟା ହିଁ ଦେଲା ଇମିତି କରି ଲୁଗା, ଛାୟ. ଜାକିଟ୍,



କାନଫୁଲ, ନାକର ଗୁଣା, ପାଦର ପାଝାଲି ସବୁ ମାଙ୍ଗିକରି ପିନ୍ଧିଲା ହେଲା ଚାଲ ଇଲାଗର୍ ଧାନ କୁଟିବା ବଲା । ଟକିଟା ବଲା ମୁଇଁ କୁଟିବି ତୁଇଁ ସେଁକାବେ । ଟକାଟା କହିଲା ମୁଇଁତା କେମନ୍ତ କରି ସେଁକାନ୍ତି ଯେ ନା ଜାଣଇଁ । ମକଇ ଆଗେ ସିକାଇ ଦେବେ ହେନେ ମୁଇଁ ପଛେ ସେଁକାଇ ଦେବି । ମୁଇଁ ଖାଲି କୁଟି ଜାଣିଛଇଁ । ପଛେ ଟକିଟା ଦେଖ୍ ତବେ ଇମିତି କରି ସେଁକାବେ ବଲା ବଲେ ଟକାଟା ଝାଇ ଝାଇ ଦେଲା ଢ଼େଙ୍କିରେ ଜବି । ପଛେ ତାହା କଇ ରାନ୍ଧି ଦିକରି ଅସୁରୁଣୀ ବୁଢ଼ୀକି ଦେଲା । ଅସୁରୁଣୀ ବୁଢ଼ୀ ଆସିକରି କହିଲା – ରାନ୍ଧିରୁନ୍ଧା ସାରିଲେ କି ? ନା ହେନେ ଖାବା ଯେ । ଟକାଟା ହଁ ବଲି କହିଲା ହେଲା ଆଇ ଖାବା ବଲା । ଅସୁରଣୀ ବୁଢ଼ିକି ତୁଇଁମା ଆଗେ ଖାଆ ମୁଇଁ ପଛେ ଖାବିନେ, ମକଇ ନିଆଁ ଶାଳେ ବଢ଼େ ଗରମ ଲାଗଛି ବଲି କହିଲା । ବୁଢ଼ୀ ଆସଣି ଝାଇ ଝାଇ ଖାଆଛି ବଳେ ଗୁଟେ ବିଲାଇ ସିଠି ସଙ୍ଗାରେ ବସି କରି କହଛି ଛି..ଛି.. ଝିଅର ମାଉଁସ ଖାଆଛି । ଅସୁରୁଣୀ ବୁଢ଼ୀ ବଲଇ, “ଶଳା ବିଲାଇ ଝିଅର ମାଇଁସ୍ ଖାଛି ବଲି କହଛି, ମୁଇଁ ତା କେଡ଼େନିକ ଟକାଟାଇ ଆଣି କରି ଖାଆଛଇଁ ବଲା । ବିଲାଇ ଏକିଦମ୍ ଏକିଦମ୍ କହିଲା ବଳେ ବିଲାଇକି ଖେଦିଲା ।  ବୁଢ଼ୀ ଖାଲା ପିଲା ହେଲା ଶଇଲା । ଟକିଟାକଇ ବଲା, “ତୁଇ ଖାଇ କରି ଶଇବେ, ମୁଇଁ ଶଇଲିନେ ।” ଅସୁରୁଣୀ ବୁଢ଼ୀ ଯେତେ ପର ଶଇଛି ଟକାଟା ଗଲା ଯେ ଅସୁରୁଣୀ ବୁଢ଼ୀର ଟଣ୍ଟିକେ ଚିପିକରି ମରୁଆଇ ଦେଲା ହେଲା ଘରକଇ ପଳ୍ଲା ।



# ସାତ ଭଉଣୀର ଡୁମୁରି ଖିଆ

ଏକ୍ ରାଇଜେ ଗୁଟେ ସାଦବ ବୁଢ଼ା ଥିଲା । ତା'ର ସାତ୍‌ଟା ଟକି ଥିନାଇଁ । ଦିନେ ସାତ ଭଣୀଯାକ ଡୁମୁରୀ ଫଳ ଖାବାକଇ ଯିମୁଁ ବଲି ବୁଆ କର୍‌କଇ କହିନାଇଁ । ସାଦ୍‌ବ ବୁଢ଼ା ବଲା ଯାଅ । ସାତ ଭଣୀ ଡୁମୁରୀ ଖାଇ ଗନାଇଁ । ବଣରେ ବୁଲି ବୁଲି ଡୁମୁରୀ ଫଳ ନା ପାଇ ନାଇଁ । ନିଖାଲ୍ ପଛ୍‌ରେ ଯାଇ ଡୁମୁରୀ ଗଛକେ ପାଇନାଏଁ । ହେଡ଼େ ବଡ଼୍ ଗଛ୍‌ଟାକଇ ଉଠି ନା ପାରିନାଇଁ । ଇନ୍ତି କରି ଛଅ ଭଣୀଯାକ ଉଠି ଦେଖିନାଇଁ ଯେ ଉଠି ନାଇଁ ପାରିନାଇଁ । ହେଠୁଁ ପଛେ ବଡ଼ ଭଣୀକ ଡାକିଲା– "ଆସରେ ଝାଲେ ବଣେ କିଏ ଆଛ, ଯେ ଡୁମୁରୀ ଗଛଟାକଇ ଉଠି ଦେଅ, ଧୂଆଁ କଲେ ଦେବି" । ବଣରେ କାହାରି ଦେଖା ନାଇଁ କି କେହି ନା ଶୁଣିନାଇଁ । ହେଠୁଁ ଆଉ ଥରେ ଡାକିଲା – "ଆସରେ ଝାଲେ ବଣେ କିଏ ଆଛ ଯେ ଡୁମୁରୀ ଗଛଟାକଇ ଉଠି ଦେଅ, ସାନ୍ ଭଣୀମର୍‌କଇ ଦେବିନେ" । ସି ବଣରେ ବଡ଼ାସାପ୍ ଗୁଟେ ଥିଲା । ଇ କଥାଟା ତା'ର କାନକେ ବାଜିଲା । ହିଁ ବଲେ ବଡ଼ା ସାପ୍ ଶଲ୍ ଶଲ୍ ଶବଦ୍ କରି ସାତଭଣୀ ପାସ୍‌କଇ ଆଇଲା । କିଏ କିସ୍ ବଲି କହଥିଲ ଯେ ଆଉ ଥରେ କହି ଦେଖ । ହେଠୁଁ ବଡ଼ ଭଣୀକ ବଲା–" ନାଇଁ ତା ଇନ୍ତି ବଲି – ଆସରେ ଝାଲେ ବଣେ କିଏ ଆଛ ଯେ ଡୁମୁରୀ ଗଛ୍‌ଟାକଇ ଉଠି ଦେଅ, ଧୂଆଁ କଲେ ଦେବି । ବଡ଼ା ସାପ୍ କହିଲା, ନାଇଁତା ହିନ୍ତି ନା ବଲି, ଆରି ପଦେ କିସ୍ ବଲେ ଯେ କହି ଦେଖ୍ । ହେଠୁଁ ବଡ଼ ଭଣୀକ ବଲା ନାଇଁତା ଇନ୍ତି ବଲି "ଆସରେ ଝାଲେ ବଣେ କିଏ ଆଛ ଡୁମୁରୀ ଗଛ୍‌ଟାକଇ ଉଠି ଦେଅ, ସାନ୍ ଭଣୀ ମର୍ କଇ ଦେବିନେ ବଲି । ବଡ଼ାସାପ ବଲା ହଁ ହଁ, ମୁଇଁ ହିନ୍ତି ଶୁଣିଲି ବଲେ ଆସିଲି ।




ବଡ଼ାସାପ୍ ଡୁମୁରୀ ଗଛଟାକଇ ଉଠିଲା । ପାଚିଲା ପାଚିଲା ଦେଖିକରି ଜବର ଡୁମୁରୀ ପକାଇ ଦେଲା । ସାତଭଣୀ ଯାକ ଯିଏ ଯେତେ ପାରିନାଏଁ ଜବର ଲେଖା ଡୁମୁରୀ ଖାଇନାଏଁ । ବଡ଼ାସାପ୍ ଗଛ୍‌ରୁ ତଳ୍‌କଇ ଅଦରିଲା । ବଡ୍‌ଟକିଟାର ପାସ୍‌କଇ ଯାଇକରି ବଡ଼ା କହିଲା– "ନାନୀ, ତମର୍ ସାନ୍ ଭଣୀଟା କେଁଟା ଯେ ମକଇ ଦେଖାଇ ଦେଅ ? ହେଠୁଁ ନାନୀକ ହେଇଟା ସାନ୍‌ଭଣୀ ମର୍ ବଲି ବଡ଼ା ସାପକଇ ଦେଖାଇ ଦେଲା । ସାନ ଭଣୀକର୍‌କଇ ବଡ଼ାସାପ୍ ପାସ୍‌କଇ ନାନୀକ ନି ଦେଲା । ହେଠୁଁ ସାନ ଟକିଟାର ନାନୀ ମାନ୍‌କ ଘଟ୍‌କି ଘଟ୍‌କି ଘର୍‌କଇ ପଲ୍‌ନାଏଁ । ହେଠୁଁ ବଡ଼ାସାପ୍ ଆଉ ସାନ୍‌ଟକିଟା ସାଙ୍ଗରେ ରହିନାଏଁ । କରି କୁରା କରି ଖାଇନାଏଁ । ଇନ୍ତି କେତେ ଦିନ୍ ଗଲା । ଟକିଟା କହିଲା ଯେ ଧାନ୍ ଧୁନା ଶୁଖୁବା, ପିଠାପୁଠୁ ବନ୍‌ଲାଇ ହାର୍ ଟକିଟାର ଘରକଇ କୁଣିଆଁ ଗଲାଇ । ଆର୍‌ଦିନ ସାତ ଭଣୀଯାକ ଏକା ସାଙ୍ଗେ ଗାଧି ଗନାଇଁ । ବଡ଼ା ସାପର୍ ଶାଶୁକ ବଲା ତମେ ଜୁଆଇଁ ଘରେ ଗାଧିବ । ବଡ଼ାସାପ୍ ପିଣ୍ଡାକେ ବସିଲା । ହେଠୁ ଡବା ଖଣ୍ଡକେ ହାରେ ପାଣି ତତ୍‌ଲାଏଁ । ଶାଶୁକ୍ ବଲା, "ଆସ ଜୁଆଇଁ ଡ଼ବାକେ ଢୁକ୍, ଗଧୁଆଇ ଦେବି ।" ବଡ଼ ସାପ୍ ଡ଼ବାରେ ଢୁକିଲା । ଶାଶୁକ ତତିଲା ପାଣି ଆଣିକରି ଢ଼ାଳି ମନ୍ କଲା ବଡ଼ା ସାପ୍‌କି ଯେ, ବଡ଼ାସାପ୍ ବଲା ଓଃ.. ହୋଃ.. ଓଃ.. ହୋଃ.. ଭଲେ ଜାଣି ପାରିଲ, ନା ହେନେ ତମ୍‌କଇ ସବୁକି ଢ଼ଙ୍କି ଦିଥିତି । ବଡ଼ାସାପ୍ ମଲା । ସବିଏ ବଅଞ୍ଚି ଗଲାଇ ।



# ଘୋଡ଼ା ବେପାରୀ, ତେଲି ଆଉ ଶିଆଳ


ଏକ୍ ଥିଲା ସାଦ୍‌ବ ବୁଢ଼ା । ତା’ର ଗୁଟେ ଟକା ଥିଲା । ସି ଟକାଟାର ଗୁଟେ ଘଳା ଥିଲା । ସେ ସବୁଦିନ୍ ବେପାର କରିବାକଇ ଯାଏ । ଦିନ୍ କର୍ ପାଳି, ସିଏ ଗୁଟେ ଗାଁ କଇ୍ ବେପାର୍ କରି ଯାଥିଲା । ବାଟ୍‌ରେ ଯାଥିଲା ବଳେ ଜୁର୍ ମେଘ୍ ପାଣି ମାଣ୍ଡି ଆସଥାଇ । ସି ଦେଖି ସିଏ ଝାଇ ଝାଇ ଯାଥାଇ । ଯାଉଁ ଯାଉଁ ବାଟ୍‌ରେ ଗୁଟେ ସିଆଳ୍‌କଇ ଭେଟ୍‌ଲା । ହେନେ ହିଁ ସିଏ ତାର୍ ବାଟ୍‌ରେ ଚାଲିଲା ।  ସିଆଳ ବେପାରୀ କି ଦେଖି କରି ଡ଼ାକ୍ ଛାଡ଼ିଲା । ମେଘ୍ ପାଣି ଦେଖି କରି ବେପାରୀ ହେଡ଼େ ରଗଡ୍‌ରେ ଯା ଥିଲା ଯେ ସିଆଳର୍ ଡ଼ାକ୍ ନା ଶୁଣି ପାର୍‌ଲା । ସେଇ ବେପାରୀ ଲୋକ୍‌ଟା ଯାଇକରି ଗୁଟେ ତେଲି ଘରେ ପହଁଞ୍ଚିଲା । ସେଇ ତେଲିର୍ ଘର୍ ସାମ୍‌ନାକେ ଗୁଟେ ତେଲ୍ ଗଣ୍ଡିଟାଇ ଥିଲା । ତେଲ୍ ଗଣ୍ଡିରେ ବେପାରୀ ତାର୍ ଘଳାଟାକଇ ବାନ୍ଧିଦେଲା । ଆଉ ଆପ୍‌ଣାଇଁ ତେଲିର୍ ଘରର୍ ପିଣ୍ଡାରେ ଯାଇକରି ଛାପିଲା । ବର୍‌ଷା ଛାଡିଲା । ତେଲି ଘର୍ ଭିତ୍‌ରୁଁ ପଦାକଇ ବାହାରିଲା । ତେଲ୍‌ଗଣ୍ଡି ପାଖ୍‌ରେ ଘଳାଟାକଇ ଦେଖି କରି କହିଲା, “ମୋର୍ ଘଣା ଗଣ୍ଡିଟା ଘଳା ଛୁଆ କରିଛି” । ବେପାରୀଟା କହିଲା, “ତେଲି ଭାଇ ଘଣା ଗଣ୍ଡିଟା ଘଳାଛୁଆ କରିନାଇଁ, ମୁଇଁ ମର୍ ଘଳାଟାକଇ ବାନ୍ଧିଛଇଁ । ବେପାରୀଟା ମର୍ ଘଳାଟା ବାନ୍ଧିଛଇଁ ବଲି ଯେତେମେତି କହିଲେ ବି ତେଲି ନାମାନିଲା । ହେଟୁ ତେଲି ବଲା ଯେ ତବେ ମିଟିଙ୍ଗ୍ ଗୁଟେ କରିବା, ଦେଖିବା କିଏ ଜିନ୍ତଇ୍ । ତେଲି ବେପାରୀଟାକଇ ବଲା ଯେ ତର୍ ସାକ୍ଷୀ ତୁଇଁ ଡାକିଆଣ୍ ।





ମର୍ ସାକ୍ଷୀ ମୁଇଁ ଡ଼ାକି ଆଣିମି । ସେଠାଣୁ ବେପାରୀ ତା'ର୍ ସାକ୍ଷୀ ଡାକିବାକଇ୍ ଗଲା । ଆଉ ତେଲିଟା ତା'ର ସାକ୍ଷୀଲାକଇ ଡ଼ାକିଗଲା । ବେପାରିଟା ଆଇଲା ବଳେ ବାଟ୍‌ରେ ସିଆଲ୍‌ଟାକଇ ଭେଟାଇଥିଲା ଯେ ସିଏ ସିଆଳକଇ ଡ଼ାକିଗଲା । ଡାକି ଡାକି ଯାଆ ଥାଇ, ବାଟ୍‌ରେ ସିଆଳଟାକଇ ଭେଟାଲା । ବେପାରୀଟା ସିଆଲ୍‌ଟାର ସାଙ୍ଗେ ମିତ ନାଁବସି, ହେନେ ହିଁ ଏ ମିତ ବୋଲି ସିଆଲ୍‌ଟାକଇ ଡ଼ାକିଲା ଯେ ସିଆଲ୍‌ଟା ନାଁ ଶୁଣିଲା । ପଛେ ବେପାରୀଟା ଡଗ୍‌ରାଇ ଡଗ୍‌ରାଇ ଡ଼ାକିଲା ବଳେ ସିଆଲ୍‌ଟା ଠିଆ ହେଲା ହାର୍ କହିଲା ତକଇ ବଳେ ମୁଇଁ କାଲ୍‌ର ଡ଼ାକିଲି ବଳେ ନାଁ ଶୁଣିଲେ, ମକଇ ଇଲାଗ୍ କିସ୍‌କଇ୍ ଡ଼ଗ୍‌ରାଇ ଡ଼ଗ୍‌ରାଇ ଡ଼ାକ୍‌ଛସି । ବେପାରୀଟା ସିଆଳଟାକଇ କହିଲା, "ତୁଇଁ ଡାକଥିଲେ ବଳେ ମେଘ୍ ପାଣି ରୁନ୍ଧି ଆଣ ଥିଲା ସି ଦେଖି ମୁଇଁ ଠିଆ ନା ହେଇନେ, ପଳାଲି । ସିଆଳ କହିଲା, "କିସ୍ କଥା ଲାଗି ଡ଼ାକଥିଲେ କଉ୍ । ବେପାରୀ କହିଲା ଯେ ମର୍ ଗୁଟେ ବଡ଼େ ଅସୁବିଧା ହିଛି । ମକଇ କଟିଏ ସାଇଜ କରିବ । ତବେ କିସ୍ କଥା ଯେ କହ ବଲି କରି ସିଆଲ୍ ବେପାରୀଟାକଇ କହିଲା । ବେପାରୀ ବଲା ମେଘ୍‌ପାଣି ଆଣଥିଲା ଦିନ ଘଳାଟାକଇ ସାଙ୍ଗରେ ନେଁଥିଲି ଯେ, ତେଲିଟାର ତେଲ ଘଣାରେ ବାନ୍ଧିକରି ତା'ର ଘରେ ଛାପିଲି । ପଛେ ତେଲିଟା ବାହାରି କରି ମର୍ ଘଳାଟାକଇ ତା'ର ତେଲ୍ ଗଣ୍ଡିଟା ଘଳା ଛୁଆ କରିଛି ବୋଲି କହଛି । ତୁଇଁ ତା ଆସିଲି ବଳେ ଦେଖିଛସି, ଏଟା ମର୍ ଘଳାଟା । ସି ଦେଖି ଚାଲ ତୁଇଁ ଯେ, ମର୍ ସାକ୍ଷୀ ହେବେ ।






ସେଠୁଁ ବେପାରୀ ଆଉ ସିଆଲ୍ ସାଙ୍ଗ୍ ହି କରି ତେଲିର୍ ଘର୍ କଇ୍ ଗନାଇଁ, ତେଲିର ଘରେ ପହଁଞ୍ଚିନାଇଁ । ତେଲି ଯେ ତା'ର ବାଘ୍, ଭାଲ୍ଲୁ, ଖେଲିଆ, କଟାରୀ, ମିରିଗ୍ ଇମିନ୍ତି ବଣର୍ ଜନ୍ତୁ ଆଉ ଚଳଇଚୁଲା ଗାକଇ ଡ଼ାକି ଆଣିଲା । ସବିଏଁ ଏକାଠି ବସିକରି ମିଟିଙ୍ଗ କରିନାଇଁ । ତେଲି ବଲା ଯେ ଦେଖ ଭାଇମାନେ ମର୍ ତେଲ୍ ଘଣାଟା ଘଲା ଛୁଆ କରିଛି, ହେନେ ହିଁ ବେପାରୀ ଏଟାକଇ ମର୍ ଘଲାଟାବଲି କହଛି । ସେଠାଣୁ ଯେତେ ବସି ଥିନାଇଁ ତେଲିର୍ ପାଖିଆ ହି କରି ହି ଥିଆକ୍ ହି ଥିଆକ୍ ବଲି କହିନାଇଁ । ଯେତେ ବସି ଥିନାଇଁ  ତେଲିର୍ ପାଖିଆ ହି କରି ପଦେ ପଦେ କହିନାଇଁ । ସିଆଲ୍ ଯେ ମଝିରେ ବସି ଦି କରି ଝୁମ୍ପଛି । ସବିଏଁ ଯାକ ସିଆଲକଇ କହିଲା, "ସିଆଲ ଭାଇ କିସ୍ କଇ, ମଝିକେ ବସିକରି ଝୁମ୍ପିଲେ ଯେ । ସିଆଲ ବଲା, "କିସ୍ କରିବି ଭାଇମାନେ ସମ୍ଦର୍‌ରେ ନିଆଁ ଲାଗିଲା ଯେ ଦି ଦିନ୍ ଦି ରାତି ହେଲା ଅଖିଆ ଅପିଆ ନିଆଁ ଲିଭାଇ ଲିଭାଇ ସବିଏଁ ଅନିନ୍ଦା । ମକଇ ସି ଦେଖି ଝୁମ୍ପ୍ ଝୁମ୍ପ୍ କର୍‌ଛି ବଲେ ଝୁମ୍ପଛଇଁ । ସିଆଲର୍ କଥା ଶୁଣି ସବିଏଁ ଟାଟ୍‌କା ହେନାଇଁ । ହେଠୁ କେହି ପର୍‌ତେ ନାଗନାଇଁ ବଲେ ସିଆଲ୍ କହିଲା, "ମର୍ କଥାଟା ଯଦି ତମେ ପର୍‌ତେ ନା ଯିବ, ତବେ ମୁଇଁ ହିଁ ତମର୍ କଥା ପର୍‌ତେ ନା ଯାଇଁ । ଶୁକିଲା ତେଲ୍ ଗଣ୍ଡିଟା କେମନ୍ତ କରି ଘଲାଛୁଆ କରିଆକ୍ । ତମେ ହିଁ ନା ହେବାର୍ କଥା କହଛ । ସିଆଲର କଥା ଶୁଣି ସବିଏ ଥମିରିକରି ରହିନାଇଁ ବଲେ ସିଆଲ ବେପାରିକି ବଲା, "ଚାଲ୍ ମିତ ତମର୍ ଘଲାଟା ଫିଟାଇ କରି ନେମା" । ହେଠୁ ପଛେ ଦିହେଁ ଘଲାଟାକଇ ଫିଟାଇ କରି ବେପାରୀ ଘର୍‌କଇ ଫେରି ପଲ୍‌ନାଇଁ ।


# ସାଦବ ବୁଢ଼ା ଆଉ ଶିଆଳ ପଲ



ଏକ୍ ଥିଲା ସାଦ୍‌ବ ବୁଢ଼ା । ସେ ଗା ଦି ବୁଢ଼ାବୁଢ଼ି ଥିନାଇଁ । ଛୁଆପିଲା ନାଁ ଥିଲାଇ । ଦିହେଁ ଗୁଟେ କମାଣି କାଟିନାଇଁ । ରମା ଲଗ୍‌ନାଇଁ । ରମାଫଲ୍ ଫଳିଲା । ସାଦ୍‌ବ ବୁଢ଼ା ଗୁଟାଇ ମଞ୍ଚା ବନାଇ କରି, ତଳେ ନିଆଁ ଠେକାଇ କରି ଶୁଅ ଥାଇ । ପଲେ ଶିଆଳ ବଲାଇ ଚାଲ ଆମେଁ ଆଜ୍ ସାଦବ୍ ବୁଢ଼ାର ରମା ଖାଇ ଯିଆ । ରମା ଖାଇ ଗନାଇଁ । ସିଠୁଁ ରମା ତଳିନାଇଁ । ଦେଖିନାଇଁ ଯେ ସାଦ୍‌ବ ବୁଢ଼ା ମଞ୍ଚାରେ ଶଇଛି ଆର୍ ତଳେ ନିଆଁ ଲଗଛି । ଗନାଇଁ ଯେ ରମା ପୁଳିଲାଇ ଖାଲାଇ ଆଉ ପଲ୍‌ନାଇଁ । ସିଠୁଁ ପଳାଇ ସାରିକରି ଶିଆଳ୍‌ମାନେ ମିଟିନ୍ କରିନାଇଁ । ଆଜି ଆମେଁ ସାଦ୍‌ବ ବୁଢ଼ାର୍ ବଡ଼ ଗଞ୍ଜାଟା ଚୁରାଇ ଖାବା ବଲାଇ । ତାଙ୍କର ପାସ୍‌ରେ ଗୁଟେ ଟିକ୍‌ଟିକିଆ ମୂଷା ଥିଲା । ସବୁ କଥା ଶୁଣଥିଲା ।ଯାଇକରି ସାଦ୍‌ବ ବୁଢ଼ାକଇ କହିଦେଲା । ହେଠାଣୁଁ ସାଦ୍‌ବ ବୁଢ଼ା କଟରୀ ଗୋଟେ ଧେରି କରି କୁକୁଳି୍ କନେ ବସିଥିଲା । ଶିଆଳ ପଲ ଯାଇକରି କୁକୁଳି୍ ଧେରିଲାଇ ବଳେ କଟରୀରେ ଟଣ୍ଡି ଟଣ୍ଡି କେତ୍‌ଟାକଇ ମାରିଦେଲା । ଆରଳା ଘଟ୍‌କି ପଲ୍‌ଲାଇ । ଆଜି୍ ସାଦ୍‌ବ ବୁଢ଼ାର ବଡ଼୍ ଖାସୁଟା ଖାବା ବଲାଇ । ଟିକ୍‌ଟିକିଆ ମୂଷା ସାଦ୍‌ବ ବୁଢ଼ାକଇ ବଲା, ଆଜି ତୋର୍ ବଡ଼୍ ଖାସୁଟା ଖାଇମାଇଁ । ସଂଜ ହେଲା, ହିଠାଣୁଁ ସାଦ୍‌ବ ବୁଢ଼ା ମେରୁ କଟ୍‌ଲାଟାଇ ଧେରି କରି ଛେଳି ଗୁହାଲ୍‌ରେ ତୁନି କରି ବସିଲା । ସିଆଲ୍‌ପଲ ଢୁକି ନାଇଁ ବଳେ କଟ୍‌ଲାଟାରେ ଫସେ ଫସେ ପିଟ୍‌ଲା । ଅଧେ ମଲାଇ ଆଉ ଅଧେ ଘଟକି କରି ପଲ୍‌ଲାଇ । ଶିଆଳ୍‌ମାନେ ମିଟିନ୍ କରିନାଇଁ । ଆଜି ସାଦ୍‌ବ ବୁଢ଼ାର୍ ନଙ୍ଗଲ୍ ମୁଠି/ କଣ୍ଡିରେ ହଗି କରି ଲେସି ଦେମାଁ ବଲାଇ । ଟିକ୍‌ଟିକିଆ ମୂଷା ତାଙ୍କର ମିଟିନ୍ କରଥିବା କଥାଗା ସାଦ୍‌ବ ବୁଢ଼ାକଇ କହିଦେଲା ।




ସିଠୁଁ ସାଦ୍‌ବ ବୁଢ଼ା ଶୁଣି କରି ସି ଲଙ୍ଗଲ୍ ମୁଠି / କଣ୍ଡିରେ ଭଲ କରି ଧାର କରତ୍ ବାନ୍ଧି ଦେଲା । ଶିଆଲ୍‌ପଲ୍ ହଗି କରି ଲେସି ଦେଲାଇଁ ବଳେ ପିଚାଗା ଫାଳେ ଫାଳେ କାଟି ନେଲା । ହେତ୍‌କି ବଳେ ସାଦ୍‌ବ ବୁଢ଼ା ଶଳାମାନେ ବଲି କରି ଘଟ୍‌କାଇଲା ବଳେ ଶିଆଲ୍‌ମାନେ ଡରେ ମରେ ଘଟ୍‌କି ପଲ୍‌ନାଇଁ । ସିଠୁଁ ଶିଆଲ୍‌ମାନେ ମିଟିନ୍ କରିନାଇଁ । ଦେଖିନାଇଁ ଯେ ମରିସରି ଗନୁଁ ବୋଲି କହିନାଇଁ । ଗୁଟେ ରାଉଳିଆ ପୂଜା କରିବା ବୋଲି କହିନାଇଁ । ଟିକ୍‌ଟିକିଆ ମୂଷା ତାହାଙ୍କର କଥା ଶୁଣଥିଲା । ସିଏ ଯାଇକରି ସାଦ୍‌ବ ବୁଢ଼ାକଇ ବଲା, ଆଜି଼ ଶିଆଲ୍‌ପଲ୍ ଗୁଟେ ରାଉଳିଆ ଖଜିବାକଇ ଯିବାଇ । ରାଉଳିଆ ଖଜି ଗନାଇଁ ବଳେ ସାଦ୍‌ବ ବୁଢ଼ା ଗାଧି ବୁଡ଼ିକରି ଦବାଟି ପନ୍ଥା ରେ ବସିଥିଲା । ଶିଆଲ୍‌ମାନେ ସାଦ୍‌ବ ବୁଢ଼ାକେ ଦେଖିକରି ଜୁଆର୍ କନାଇଁ । ସେଠୁଁ କହିନାଇଁ ଆମେ ଯେ ମରିସରି ଗନୁଁ, କେମନ୍ତ କର୍‌ମୁଁ ଯେ ବତାଇ ଦେଅ ବଲାଇ । ସାଦ୍‌ବ ବୁଢ଼ା ବଲା ହଉ ତେବେ ମୁଇଁ ପୂଜାଟାଇ କରି ଦେବି । ସିଠୁଁ ଗନାଇଁ ସବୁ ଶିଆଲ୍‌ଲା ଗଟେ ଘରେ ଢୁକି କରି ବସିନାଇଁ । ସାଦ୍‌ବ ବୁଢ଼ା କବାଟ୍ କିଳି ଦେଲା । ଆର୍ ବୁଲାଇ ବୁଲାଇ ଶିଆଳ ମାନ୍‌କଇ ପିଟ୍‌ଲା । ସେଠୁଁ ସାଦ୍‌ବ ବୁଢ଼ା ପଚାରିଲା ରମା ପୁଳି ପୁଳି ଖାଲ୍‌କି ନାଇଁ । ଖାନୁଁ ଖାନୁଁ । ସାଦ୍‌ବ ବୁଢ଼ାର୍ ବଡ଼୍ ଖାସୁଟା ଖାଲ୍ ଯେ ସେଠି ମଲ କି ନାଇଁ । ମର୍‌ନୁଁ ମର୍‌ନୁଁ । ନଙ୍ଗଲ୍ ମୁଠି /କଣ୍ଡିରେ ହଗି କରି ଲେସି ହେଲ କି ନାଇଁ । ଲେସି ଦେଲୁଁ ଲେସି ଦେଲୁଁ ବୋଲି କଇନାଇଁ । ଏମତ୍ କହି କହି ସବୁ ଶିଆଲ୍‌ଲାକଇ ପିଟି କରି ମାରି ଦେଲା । ସିଠୁଁ ଗୋଟେ ସିଙ୍ଗାଣି ନାକି ଜିଇଁ ଥିଲା । ଡରେଁ ଘଟ୍‌କିଲା ସିଏ, ସେଠୁଁ ଶିଆଲ୍ ପୁଞ୍ଜି ରଖିଲା ।



# ବାଘମାମୁଁ ଆଉ ଖେଳିଆ

ଗୁଟେ ଝାଲ୍‌ରେ ବାଘ୍ ଆଉ ଖେଳିଆ ରହଥିନାଇଁ । ଦିନ୍ କର ପାଲି କିସ୍ କନାଇଁ ଖାବାକଇ କିସି ନାଁ ପାଇନାଇଁ । ହେଠାଣୁଁ ଝାଲରେ ଅନ୍ଧାର୍ ହେଲା । ବାଘ୍‌ଟା ବିଚାର୍ କଲା ଭଣଜା ଆଜି ତର୍ କାନ୍‌ଟା ଖାବା । ଖେଳିଆ ବଲା ନାଇଁ ମାମୁଁ ମୋର୍‌ଟା କାଲ୍‌କି ଖାବା, ତର୍‌ଟା ଆଜି ଖାଉଁ । ହଁ ଭଣ୍‌ଜା ତେବେ ହେନେ ମୋର୍ କାନ୍‌ଟା କାଟ୍ । ତା ପରେ ଖେଳିଆ କାଟିଲା । ଆଉ ନିଆଁ ଠେକା ନାଇଁ । ହେଠାଣୁଁ ବାଘ୍ ମାମୁଁକଇ ପତର୍ ଆଣିବଟିଆଲା । ଖେଳିଆ ଆରି ବାଘ୍ ଭାଗ୍ କରି ଖାଇନାଇଁ । ଖେଳିଆ ବଲା, "ଇଲାଗ୍ ମାମୁଁ ଶଇବା ମୁଇଁ ମୁଞ୍ଜିଥିନେଁ ଦେଖଥାଇଁ, ଚାହିଁଥିନେଁ ନିଁଞ୍ଜା ଥାଇଁ । ବାଘ୍ କିସ୍ ବିଚାର୍ କଲା ଆଜି ନିଁଜ୍‌ବାକ୍ ବଳେ ଖେଳିଆକଇ ଖାବି । ହେଠାଣୁଁ ଖେଳିଆ ନିଁନ୍ଦ୍‌ଲା ବଳେ ବାଘ୍ ଖାବାକଇ ଖେଳିଆ ପାସ୍‌କଇ ଗଲା, ଖେଳିଆ କହିଲା, "ମାମୁକିସ୍ କର୍‌ସସ୍ ମକଇ । ବାଘ୍ ବଲା ଯେ ଭଣ୍‌ଜା ଭଲ୍‌କରି ଶଉ । ଦିହେଁ ଶଇଲାଇ । ହେଠାଣୁଁ ବାଘ୍ ନିନ୍ଦ୍‌ଲା ବଳେ, ଖେଳିଆ ଉଠିକରି ଘଟ୍‌କି ଘଟ୍‌କି ପଲାଲା । ତା ପରେ ବାଘ୍ ଉଠି ଦେଖିଲା ଆରେ ଶଳା ଖେଳିଆ ପଲାଇ ସିନେ । ବାଘ୍ ଘଟ୍‌କଲା । ସେଠାଣୁଁ ଖେଳିଆ ଦେଖିଲା ଯେ ଇଲା ମକଇ ଖାଇ ଦେଆକ୍ / ଦେବାକ୍ । ଖେଳିଆ ଗୁଟାଇ ବୁଦ୍ଧି କଲା । ଚାରିଆଳେ ଅନାଲା । ଦେଖିଲା ଯେ ମେରୁ ଗସ୍‌ଟାରେ ମେରୁଟାଇ ବାଘ୍‌ମଉ ବାନ୍ଧିସନ୍ତି । ସିଠି ଖେଳିଆ ଜଗିଲା । ବାଘ୍ ପହଂଚିଲା । ଇଲା / ଅଖଣି ଭଣ୍‌ଜା ଖାଇଦେବି । ନାଇଁ ମାମୁ ମୁଇଁ ରଜାର୍ ଜଲା କବାଟ୍ ଜଗିସଇଁ । ନାଁ ହେନେ ରଜା ଲାଗିବାଇ ।



ହେନେ ଭଣ୍ଜା କେମତ୍ କରିଆ । ନାଇଁ ମାମୁ ମୁଇଁ ହେଇଟିକି ଯାଏଁ । ସେଠୁଁ ତୁଇଁ ଜଳା କବଟାକଇ ଧେରି ଦେଖିବେ । ହଁ କଲା । ହେଠାଣୁଁ ଖେଳିଆଟା ବୁଦା ଉଢ଼ାଲ୍ ହେଲା । ହିଁ ବଳେ ବାଘ୍‌ମଉଟାକଇ ଚାଳି ଦେଲା । ମଉଳା, ବାଘ୍‌କଇ ଚାବି ଦେନାଇଁ ଯେ ଚାବି ଦେନାଇଁ । ହେଠାଣୁଁ ବାଘ୍ ବଲା ଶଳା ଖେଳିଆ କଇ ଘଟ୍‌କାବି । ବାଘ୍ ଘଟ୍‌କଲା ଯେ ଖେଳିଆକଇ ଭେଟ୍‌ଲା । ଭଣ୍ଜା ଇଲାଗର୍ ତକଇ ଖାଇଦେବି କଲା । ଖେଳିଆ ବଲା ନାଇଁ ନାଇଁ ମାମୁଁ ମୁଇଁ ରଜାର୍ ପୁଳା ଜଗିସଇଁ । ମାମୁଁ ତୁଇଁ କଟିଏ ବସ, ମୁଇଁ ହେଇଟିକି ଯିବି ବଳେ ପୁଳାଟା ଚିରି ଦେଖିବ । ବାଘ୍ ହଁ ବଲା । ବାଘ୍ ସେଠୁଁ ଖେଳିଆ ପଲ୍‌ଲା ବଳେ ଚିରି ଦେଖିଲା । ହେଠାଣୁଁ ବାଘ୍‌କଇ ବରଳି ଡାଉ୍‌ଲତା ମୁହୁଁ ମୁହାଁ ଫୁଲାଣି ଚାବିଦେନାଇଁ । ତା ପରେ ବାଘ୍ ଉଡୁମୁଲା ହେଇ ଖଜି ଖଜି ଖେଳିଆ ପାସ୍‌କଇ ପହଂଚିଲା । ଖେଳିଆ କିସ୍ କଲା ନାଁ ନିଆଁ ଠେକାଇ କରି ବାଲି ଭାଜିଲା । ସେଠୁଁ ବାଘ୍ ପହଂଚିଲା । ଭଣ୍ଜା ଇଲାଗର୍ ତକଇ ଖାବି । ଖେଳିଆ ବଲା, "ନାଇଁ ନାଇଁ ମାମୁଁ ମୁଇଁ ରଜା ଘରର୍ ସୁଆଳାର ଆଁଖିବତ୍ ହିସି ଯେ ବାଲିଲା ଭାଜସଇଁ । ହେନେ ଭଣ୍ଜା ମରହିଁ ଆଙ୍ଗିଗା ଫୁଲିସି ଯେ କଟିଏ ଢ଼ାଳି ଦେ । ହନ୍ତେଲେ ମାମୁ ଚିତ୍‌ରାଙ୍ଗ୍ ହି ଶଉ । ବାଘ୍ ହେଠାଣୁଁ ଚିତ୍‌ରାଙ୍ଗ୍ ହି କରି ଶଇଲା । ମାମୁ ଆଁଖିଲା ବିଦିରା । ହେଠାଣୁଁ ନି କରି ତତିଲା ବାଲିଲା ଢ଼ାଳସି । ବାଘ୍ ସିଠାଣେଁ ଝଟ୍‌କି ଝଟ୍‌କି ମଲା । ହେଠାଣୁଁ ଝାଲ୍‌କଇ ଖେଳିଆ ପଲ୍‌ଲା ।



# ସାଦ୍‌ବ ଝିଅର ଶିଆଳ ବର

ଏଲ୍ ଥିଲା ସାଦ୍‌ବ ବୁଢ଼ା । ତାର ସାତ୍‌ଟା ଟକି ଥିନାଇଁ । ଦିନେ ଗୁଟେ ଶିଆଳ ଆସିଲା । ଟକି ଯାକର ସାନ୍ ଟକିଟାକଇ ଆରଲା ବଲାଇ ଯେ, ଏନନୀ ତୁଇଁ ହିଁ ଶିଆଲ୍‌ଟାର୍ ଲାଗି ଯିତେ ହେନେ ନା ହେତାକ୍ । ତାର୍ ଠିକି ଗନେ ବଢ଼ିଆଁ ଖାଇତେ, ପିଇତେ ବଲାଇ । ହିଁ ବଲେ ସାନ୍ ଭଣୀକ ମୁଇଁ ତାର୍ ଲାଗି ନାଁ ଯାଇଁ ବଲା । ବଲେ ଆର୍ ଭଣୀମାନକ ହିଁ ତାର୍ ଲାଗି ନା ଯିବେ ହେନେ ତକଇ ଆମର୍ ସାଙ୍ଗେ ନାଁ ମେଶାଉଁ ବଇନାଇଁ ।ହିଁ ବଲେ ସି ସାନ୍ ଭଣୀକ ହଁନ୍ତେଲେ ଯିବି ବଲା । ହେଠାଣୁଁ ତାହାକଇ ସି ଶିଆଲ୍‌ର ଲାଗି ବାହାଗର୍ କରି ଦେନାଇଁ । ଆର୍ ଟକିଲା ତାଙ୍କର ଘର୍‌କଇ ଫେରି ପଲ୍‌ନାଇଁ । ଦିନେ ଶିଆଲ୍‌ଟା ମୁଇଁ କୁକୁଲି୍ ଆଣି ଯାଇଁ ବଲା । ହେଠାଣୁଁ ଶିଆଲ୍‌ଟା କୁକୁଲି୍ ଆଣିବାକଇ ଗଲା । ହିଁ ବଲେ ରଜାର୍ କୁକୁଲି୍‌ଗା କକଲ୍‌କ କରି ଡାକସି । ହିଁ ବଲେତା ଶିଆଲ୍‌ଟା କୁକୁଲି୍‌ଟାକଇ ଧେରି ପକାଇ କରି ଘଟ୍‌କି ମନ୍ କଲା ଯେ, ଘଟ୍‌କି ମନକଲା । ଗାଁର୍ ଲୋକ୍‌ଲା ପାଟି କରିନାଇଁ । ଏ ରଜା ତୋର୍ କୁକୁଲି୍‌ଟାକଇ ଶିଆଲ୍ ନେଲା ବଇନାଇଁ । ଶିଆଲ୍‌ଟାକଇ ଘଟ୍‌କଲାଇ ଯେ ନାଁ ପାରିଲାଇଁ । ଶିଆଲ୍‌ଟା ତାର୍ ଘର୍‌କଇ ପଲ୍‌ଲା ।



ଭଜା କର୍‌କଇ ଇଜେ କୁକୁଲି୍ ଆଣିଛଇଁ ବଲା । ଇ କୁକୁଲି୍‌ଟାକଇ ଭାଜିକରି ଆମେଁ ଖାବା ବଲା । ସେଠୁ କଟା ବଛା କରି, ପୁଳି ପୁଳା କରି, ଭାଜି ଭୁଜା କରି ଖାଇନାଇଁ । ହେଠାଣୁଁ ପସେ ଖାଇଖୁଆ ସାରିକରି ଶିଆଲ୍‌ଟା ଗୁଟେ ଖାଲ୍‌ଟାରେ ଡେଗି ବୁଲସି । ସି ଖାଲ୍‌ଟାରେ ଝଳିଲା ଯେ ମରିଗଲା । ସେଠୁଁ ଟକିଟା ତାର୍ ଘର୍‌କଇ ପଲ୍‌ଲା । ଘରେ ଥିନାଇଁ ଛଅ ଭଣୀଯାକ କିସ୍‌ଲାଗି ପଳାଇ ଆଇଲେ ବଇନାଇଁ । ହଁ ବଳେ ଶିଆଲ୍‌ଟା ତା କୁକୁଲି୍ ଆଣି, ତାହାର୍ କାଟି ବାସି କରିଲା । ଭାଜି ଭୁଜାକରି, ଖାଇ ପିଇ ସାରି କରି । ସିଏ ଗୁଟେ ଖାଲ୍‌ଟାଇ ଡ଼େଗି ବୁଲଥିଲା ଯେ ଝଳିକରି ମଲା ବଲା । ପସେ ଛଅ ଭଣୀକ କଥା ହେଲାଇ । ଆମେ ହିଁ ଯାଇଥିନେ ବଢ଼ିଆଁ ମାଇଁସ୍ ଖାଇଥିତାଇ ବଇନାଇଁ । ହେଠାଣୁଁ ପସେ ସାତ୍ ଭଣୀଯାକ ଏକାଠି ରହିକରି  କରି ଧେରି କରି ଖାଇନାଇ ଆର୍ ରହିନାଇଁ ।



# ରଜା ପୁଅ ଗଲା କନିଆ ଖଜି

ଗୋଟେ ରାଇଜ୍‌ରେ ଗୋଟେ ରଜା ଥିଲା । ତାଙ୍କର ଗୋଟେ ଟକା ଥିଲା । ତାର ମାଁକ ବଲା ପୁଅରେ ତୁଇଁ ତ ଯୁଆନ୍ ହେଲେନେ ତର୍ ଲାଗି ବଉ ଗୋଟେ ଆଣିମା । ଟକାଟା ବଲା ମୁଇଁ ଦେଖିଲେ ଯାଇଁ କରି ଆଣିମି । ସବୁ ଗାଁ ବୁଲି ବାଲି କରି ଆଇଲା । ଟକି ଗୋଟାଇ ହିଁ ମନ୍‌କଇ ନାଁ କଲା । ବହୁତ୍ ଦୂର୍ ଗାଁରେଆଉ ଗୋଟେ ରଜାର୍ ଟକିଟାଇ ଥିଲା । ସି ଗାଁକଇ ଟକାଟା ବୁଲି ଗଲା । ଦେଖିଲା ଯେ ଗୁଟାଇ ହିଁ ଲୋକ୍ ନାହିଁ । ସିଏ ଭାବିଲା ଡାକି ଦେଖଇଁ । ହିଁ ବଳେ ଡାକିଲା । ମାଉଁସୀ ଗୋ ମାଉଁସୀ ଆଜି୍ ମୁଇଁ ତମର୍ ଟିକି କୁଣିଆଁ ଆସିଛଇଁ । ହିଁ ବଳେ ଘର୍ ଭିତ୍‌ରୁ ବୁଢ଼ିଟାଇ ବାହାରି ଆଇଲା ବଲ୍‌କଇ ଟକାଟା ଜୁହାରିଲା । ହିଁ ବଳେ ବୁଢ଼ି ବଲା ମାଉଁସୀ ବଲିକରି କହଛସି, ଆଇ ଘର୍‌କଇ । ନିଁଇ କରି ଘର୍ ଭିତ୍‌ରେ ବସାଲା । ଆର୍ ଦୁଃଖ ସୁଖ କଥା ବାର୍‌ତା ହେନାଇଁ । ବୁଢ଼ିର କେହିବି ନାଁ ଥିଲାଇ । ହେଠାଣୁଁ ଟକାଟାକଇ ପୁଅ କରିକି ରଖିଲା । ବୁଢ଼ିଟା ସବୁଦିନ୍ ଫୁଲ୍‌ମାଳ ଗନ୍ଥଇ ହାର୍ ଗାଁ ଗାକଇ ବିକିଆକଇ ନେଇଁ । ବୁଢ଼ି ଫୁଲ୍‌ମାଳ୍ ଗନ୍ଥୁଥିଲା ବଳେ ଟକାଟା ବଲା, ମାଉଁସୀ ମୁଇଁ ଗୋଟାଇ ଫୁଲ୍‌ମାଳ୍ ଗନ୍ଥି ଦେଖଇଁ । ବୁଢ଼ି ବଲା ଗନ୍ଥୁବନ ନ ଗନ୍ଥୁ ।



ଟକାଟା ହଁ ବଲାହାର୍ ଗୋଟାଇ ମାଲ୍ ଗନ୍ଥିଲା । ମୁଇଁ ଗନ୍ଥିବିଟା କାନିରେ ଅଣ୍ଟାଇ ଥିବେ ବଲା । ବୁଢ଼ିକଇ ବଲା ନିଁକ ଟକ୍‌ଲିଟାଇ ତରପାସ୍‌କଇ ଆସିନେ ଫୁଲ୍‌ମାଲ୍‌ଟା ଦେଖାଇଦେବେ, ନାଁ ହେନେ ନାଇଁ । ବୁଢ଼ିଟା ଫୁଲ୍ ବିକି ନେଲା । ଆର୍ ଡାକିଲା ଫୁଲ୍ ଘେନଲ ଫୁଲ୍ ଘେନ ବଲା । ହିଁ ବଳେ ରଜା ଘରର୍ ସିଇ ଟକିଟା ପଦାକଇ ବାହାରି ଆଇଲା । ଦେଖିଲା ଯେ ଟୁକୁଲିରେ ଭଲ୍‌ଫୁଲ ନାଇଁନେ । ହେଠୁଁ ଆଉ ଫୁଲ୍ ଧେରିସକି ବଲି ଟକିଟା ବୁଢ଼ିକି ପଚାରିଲା । ବୁଢ଼ି କହିଲା ଫୁଲ୍ ନାଁଇ, ଖାଲି ଆରି ଗୋଟେ ଫୁଲମାଲ୍ ଧେରିସଇଁ । ରହ, ଦେଖାଇ ଦେବି ବଲାହାର୍ ଦେଖାଇ ଦେଲା । ଟକିଟା ବଲା ଯେ ହେଡ଼େ ନିକ ଫୁଲ୍‌ମାଲ୍, କିଏ ଗନ୍ଥିସି ? ବୁଢ଼ି କହିଲା ମର୍ ଝିଅ ଗନ୍ଥିସି କାଲ୍‌କି ଡାକି ଆଣ୍‌ବେ । ମୁଇଁ ତାର୍ ସାଙ୍ଗେ ଫୁଲ୍ ବସିବି । ହଇବ ଡାକି ଆଣି ଦେବି । ବୁଢ଼ିତା ଟୋକିଟାକଇ ତାର ବଉ କରିଆକଇ ଚାହଁଥିଲା । ହିଠାଣୁଁ ଫୁଲ୍ ବସିବ ବଲା ବଳେ ହଁ ବଲା । ଫୁଲ୍ ବିକିସାରି କରି ବୁଢ଼ି ଘର୍‌କଇ ଆଇଲା । ଆଉ ତାର ଧରମ୍ ପୁଅକଇ ସବୁକଥା କହିଲା । ଆର୍‌ଦିନ ଟକାଟାକଇ, ଗୋଟାଇ ଝିଇ ବେଶ୍ କଲା । ଆର୍ ଫୁଲ ବିକିଆକଇ ଗେନାଇଁ । ଫୁଲ୍ ଘେନ ଲ ଫୁଲ୍ ବଲି ବୁଢ଼ି ଡାକିଲା । ବଳେ ସି ଟୋକିଟା ପଦାକଇ ବାହାରିଲା ।




ବୁଢ଼ିର ଝିଇକରକଇ ଦେଖି କରି ଖୁସି ହେଲା । ଆମେଁ ଦିହେଁ ଫୁଲ୍ ବସିଆ ଆର୍ ଆମ୍‌ର ଘରେ ରହିଆ ବଲା ଟୋକିଟା । ବୁଢ଼ିର ଝିଇକ ହଁ ବଲା । ଦିହେଁ ଘର୍‌କଇ ଗଲାଇ ହାର୍ ବୁଢ଼ି ଫୁଲ୍ ବିକିଗଲା । ସି ଦିନ୍ ତାଙ୍କର ଘରେ ରହିଲା । ହେଠାଣୁଁ ଦିହେଁ  ଫୁଲ ବସିନାଇଁ । ଏକାଠି ଖାଲାଇ ପିଲାଇ ଆର୍ ଶଇଲାଇ । ଅଧା ରାତିରେ ଟୋକାଟା ପାଖେ ଆଲେ ଯାଇ କରି କାହାଳି ପିଇଲା । କାହାଳି ପିଇଲା ବଲେ ଟକିଟା ଦେଖଥିଲା । ଟୋକିଟାର୍ ପାସ୍‌କଇ ଗଲା ବଲେ ଟୋକିଟା ବଲା ଆରେ ଫୁଲ ତମର୍ ଗାଁରେ ଟୋକିଲା ହିଁ କାହାଳି ପିଅନ୍ତି କି ? ହିଁବଲେ ଟୋକିଟାକଇ ସବୁକଥା କହିଦେଲା । ରାତାରାତି ଟୋକାଟା ଆଉ ଟୋକିଟା, ତାର ମାଉଁସୀ ପାସ୍‌କଇ ପଲ୍‌ଲାଇ । ବୁଢ଼ିମାଉଁସୀ ଘରେ କିଛିଦିନ୍ ରହିନାଇଁ । ହିଠାଣୁଁ ମାଉଁସୀକଇ ଟୋକାଟା ବଲା ମାଉଁସୀ ଗୋ ଆମର୍ ଘରେ ମକଇ ଖଜଥିମାଇଁ । ଆମେଁ ଘର୍‌କି ଯାଉଁ ବଲା । ମାଉଁସୀକ ପିଠା ପଣା ବନାଇ ଦେଲା ଆର୍ ତାଙ୍କର୍ ଘର୍‌କଇ ପଠାଇ ଦେଲା । ଦିହେଁ ତାଙ୍କର ଘର୍‌କଇ ଗଲାଇ ଯେ ଘରେ ପହଞ୍ଚିନାଇଁ । ଟୋକାଟାର୍ ମାଁକ ପୁଅ ବଉକଇ ବନ୍ଦାଇ କରି ଘର୍‌କେ ନେନାଇଁ । ସି ଦିନ୍‌ଠାଣୁଁ ଦିହେଁ କରି ଧେରିକି ଖାଲାଇ ଆଉ ରହିଲାଇ ।



# ତାଲ କନିଆଁ

ସାତ ଭାଇ ଭଅଣୀ ଥିନାଇଁ । ଛଅ ଭାଇ ଭଅଣୀ ବାହା ହେନାଇଁ, ହେଲେ ଗୋଟେ ଭାଇ ବାହା ହେଇ ପାରିଲା ନାହିଁ । ସି ବାବୁ କହିଲା, "ମାଆଁ.. ସଭିଏଁ ବାହା ହେଲେ" ମକଇ୍ କିସ୍ ଲାଗି ବାହାକରି ଦେଇ ନାଇଁ । ସି ବାବୁ କହିଲା, "ମାଆଁ ମକଇ ସି ତାଲ୍ ଗସ୍ କଇ୍ ବାହା କରି ଦେବେ" । ତାର ମାଆଁକ କହିଲା, "ତର୍‌କୁଟିଏ ଲାଜ୍ ନାଇଁ, ତୁଇଁ ତାଲ୍ ଗସ୍‌ଟାକଇ ବାହା ହେବେ, ତକଇ ବାଉଁନି ଦେବାଇ୍ । ସେ ବାବୁ କହିଲା, "ବାଉଁନିଲେ ବି ମୁଇଁ ତାଲ୍ ଗସ୍‌କଇ ଆଣିମି । ତା'ର ମାଆଁ କହିଲା, "ତୁଇଁ ତା ମାନିଲେ ନାଇଁବ । ସେ ବାବୁ ତା'ର ବୁଆ କର୍‌କଇ କହିଲା, "ବୁଆ ତୁଇଁ ତାଲ୍ ଗସ୍‌କଇ ଖଣ୍ଡିକରି ଆଣିମେ । ହେଠାଣୁ ମକଇ ବାହାକରି ଦେବ । ପୁଅକର କଥା ଶୁଣି ବୁଆକ ତାଲ୍ ଗଛକଇ ହାଣିକରି ଆଣିଲା ଆଉ ଘରର୍ କନ୍‌କେ ରଖିଦେଲା । ସକାଳେ ତା'ର ମାଆଁକ ଦେଖିଲା ଯେ ସବୁ ଡ଼ାଣ୍ଡ ଦୁଆର୍ କିଏ ଯେ ଲେସି ଦିଛି । ମାଆଁକ କହିଲା, "ଆମର୍ ଡ଼ାଣ୍ଡ୍ ଦୁଆର୍ କିଏ ସିନା ଲେସିଛି ? ସେଠାଣୁଁ ପୁଅକ କହିଲା, "ଆରେ ମାଆଁ ଜାଣସତା, କିଏ ଲେସିଆକ୍ ଆଉ ବହୁତର୍ ଲେସିଥିଆକ୍ । ମାଆଁକ କହିଲା, "ବାବୁ ଆଜି୍ ମୁଇଁ ଲୁକିକରି ଦେଖିବି । ପୁଅକ କହିଲା, "ଯା ହନ୍ତେ କନ୍‌କେ ଲୁକିଥିବେ, ଯିଏ ବାହାରିଆକ୍ ତୁଇଁ ତାର୍ ଲୁଗାରେ ଟାଣିମେ, ସେତେ ପହରା ମୁଇଁ ତାଲ୍ ଗସ୍‌ଟାକଇ  ପୁଳି ଦେବି । ମାଆଁ ପୁଅ ଠିକ୍ ସେଇମେନ୍ତି କରିନାଏଁ । ଯେତେବେଳେ ତାର ମାଆଁ ଦେଖିଲା ଯେ ତାଳଗସ୍‌ରୁଁ ଗୋଟେ ସୁନ୍ଦରୀ ଝିଅ ବାହାରି ଘର କାମ କରଛି ସେତେବେଳେ ପିଲାର ମାଆଁ ଝିଅଟାର ଲୁଗା କାନିକୁ ଧେରି ପକାଲା ହେଲା ସି ଦିନଠାଣୁଁ ସେମାନେ ସ୍ୱାମୀ –ଇସ୍ତ୍ରୀ ଭାବରେ ରହିନାଏଁ । ଛୁଆପିଲା ଅର୍ଜିନାଏଁ । ସେଠାଣୁଁ ତାଙ୍କର ସଂସାର୍ ବଢ଼ିଲା । ଗହଲ୍ ଚହଲ୍ ବି ବଢ଼ିଲା । ଗୋଟେ ରାଇଜ୍ କରି ରଜା ବାଗିର୍ ଚଳିନାଏ ।



# ଚାଷୀ ଉପକାର ବାଘ ବୁଝିଲା

ଗୁଟେ ବଣ୍‌ରେ ଖେଳିଆ ଆର୍ ବାଘ୍ ଥାନ୍ତି । ଦିନେ ବାଘ୍ ଆର୍ ଖେଳିଆ କଥା ହେନାଇଁ । ଆଜି୍ କେଁ ବାଟେ ଚରି ଯିଆ ଯେ ବଲି କହିନାଇଁ । ହିଁ ବଲେ ଖେଳିଆ ବଲା ଯେ ଯାଉଁ ହିଁ ପଦାବାଟେ । ବାଘ୍ ବଲା ଯେ ମୁଇଁତା ହିଁ ବାଟେ ଚରିଗନେ ମକଇ ଲୋକ୍‌ଲା ଦେଖିମାଇଁ । ମୁଇଁ ନାଁ ଯାଇଁ । ହିଁ ବଲେ ଖେଳିଆ ବଲା ଯେ ନାଇଁ ତୁଇଁ ତା ହିଁ ଓଢ଼ାଲ୍‌ରେ ଚରିବେ । ତକଇ କେହି ନାଁ ଦେଖନ୍ତି । ହନ୍ତଲେ ଯିଆ ବଲି ଖେଳିଆକଇ ବଲା । ହେଠାଣୁଁ ସାଙ୍ଗ୍‌ରେ ଗନାଇଁ ବଲେ ଖେଳିଆ ବଲା । ତୁଇଁ ଯା ହିଁ ନାଲ୍ ତଳାଗାରେ ଚରିବେ । ମୁଇଁତା ସୁଟିଆ ଆସଇଁ ସିଇ ପଦାଳାରେ ଚରିବି । ହିଁ ବଲେ ବାଘ୍ ହନ୍ତଲେ ଯାଇଁ ବଲା । ଖେଳିଆ ତା ଚରି ଚରି ବଣ୍‌କଇ ପଲ୍‌ଲା । ବାଘ୍ ଖେଳିଆକଇ ଦେଖିଲା ଯେ ସିଏ ପଳାଇସିନେ । ମୁଇଁ ପାଣିକୁଟିଏ ପିଅଇଁ ମୁଇଁ ହିଁ ପଳାବି । ସେଠାଣୁଁ ବାଘ୍‌ଟା ତାର୍ ଲେଞ୍ଜୀଟାକଇ କଙ୍କଳାଘର୍ ବାଟେ ଦିକରି ପାଣି ପିଅଥାଏ । ବଲେ କଙ୍କଳାଟା କସିକରି ତାର ଲେଞ୍ଜୀରେ କରି ଚାବି ଦିଶି । ବାଘ୍ ଲେଞ୍ଜୀକଇ ଟାଣସିତା ଟାଣସି । ହିମିତି କରି ଟାଣି ନା ପାରିଲା ବଲେ ଗୁଟେ ରାତି ରହିଲା । ଆର୍ ଦିନ୍ ଚାଷିଭାଇ କଦାଳିଟାଇ ଭଇକରି ଆସ୍‌ଥାଇ ।



ତାକଇ ଶୁଣ୍ ଶୁଣ୍ ବଲି ଡାକିଲା । ବଳେ ଚାଷିଭାଇ ବାଘ୍‌କଇ ବଲା । ହୁଁ ମୁଇଁ ନାଁ ଯାଇଁ ପାଶକଇ, ତୁଇଁ ମକଇ ଖାବେ ହାର । ମକଇ ନାଁ ଖାବେ ହେନେ ତର୍ ପାସ୍‌କଇ ଯିଇ । ଏ ଚାଷିଭାଇ ଶୁଣ୍ ଭାଇ, ତୁଇଁ ମକଇ କଟିଏ ଭାଇ ଧରମ୍ କର୍ । ତୁଇଁ ମକଇ ଧରମ୍ କର୍ ତା ଭାଇ । ହେଠାଣୁଁ ଚାଷିଭାଇ ବାଘ୍ ପାସ୍‌କଇ ଗଲାବଳେ କଙ୍କଲାଟା ବାଘ୍‌ର ଲେଞ୍ଜ୍‌କେ ଚାବିସି । ସିଠାଣୁଁ ଚାଷିଭାଇ ଡଢ଼ାକଇ ଖଳିଲା ବଳେ କଙ୍କଲାଟା ବାଘ୍‌ର ଲେଞ୍ଜୀକେ ଚାବିଥିଲା । ବାଘ୍ ବଲା ହିଁଟା ମକଇ ଚବିଥିଲା ନି ବଲି ଚାଷି ଭାଇକଇ କହିଲା । ଚାଷିଭାଇ କଙ୍କଲାଟାକଇ ବାହାର୍ କଲା । ଆର୍ ଘର୍‌କଇ ନେମିଁ ବଲା । ସିଠୁଁ ବାଘ୍ ବଲା ତୁଇଁ ହିଁ କଙ୍କଲାଟା ନିଇଁକରି କିସ୍ କରିବେ । ମୁଇଁ ରାନ୍ଧିକରି ଖାବିବଲି ଚାଷିଭାଇ ବଲା । ବାଘ୍ ବଲା ଯେ ତୁଇଁ ହନ୍ତେଲେ ଏକ୍‌ଣା ଖାବେ କାହାକଇ ନାଁ ଦେବେ । ଆଉ କାହାକଇ ଦିଶ ହେନେ ମୁଇଁ ଆରି ଦିନେ ତକଇ ଖାବି । ଚାଷି ଭାଇ ବଲା ଯେ ହନ୍ତଲେ କାହାକଇ ନାଁ ଦେଇଁ । ହିଁ ବଳେ ଚାଷିଭାଇ ସି କଙ୍କଲାକଇ ଘର୍‌କଇ ନେଲା । ସିଠାଣୁଁ ଘର୍‌କଇ ଯାଇକରି ନେ ବୁଢ଼ି କଙ୍କଲାଟାକଇ ରାନ୍ଧ୍ ବଲା । କଙ୍କଲାଟାକଇ ରାନ୍ଧିସାରିଲାଇ, ଭାତ୍ ବାଣ୍ଟିଲାଇ ।




କଙ୍କଲାଟା ଦୁଇଝଣ୍ୟୋକ ଖାଇନାଇଁ । ସେଠାଣୁଁ ବାଘ୍ ତା ତାର୍ ଘର୍ ପଣ୍ଡାଳ ବାଟେ ଶୁଣସି । ସିଏ ଏକ୍ଣା ନାଁ ଖାଇ କରି ବୁଢ଼ିଟାକଇ ହିଁ ଦିଶି । ବୁଢ଼ା କଙ୍କଲାର ଗଡ଼ଲାକଇ ଚବାସି ବଲେ କହସି ଶଳା କଙ୍କଲା । ହେତେ ବଡ଼୍ ମହାବଲ୍ ବାଘ୍ଟାକଇ ଚାବିଥିଲେ ନି । ସିଠାଣୁଁ ଏମିତି ଶୁଣି ବାଘ୍ ବଲା ରହ ଦିନେ ହେନେ ଚାଷିଭାଇ ବଣ୍କଇ ଯିଏ । ତକଇ ଖାବି ହିଁ ଖାବି ବଲା । ଶଳା ଏକ୍ଣା ଖାବେ ବଲି କହଥିଲି, ତାର୍ ବୁଢ଼ିକି ହିଁ ଦିସି । ହେଠାଣୁଁ ଜବର୍ ଦିନ୍ ଗଲାବଲେ ଯାଇ ବୁଢ଼ା ବଲା ଅଖଣ୍ ତା ମକଇ ବାଘ୍ଟା ପାସୁରିଥିଆକ୍ନେ । ମୁଇଁ ବଣ୍କଇ କାଠ୍ ଆଣିଯାଇଁ ବଲା । ଗଲା ବଲେ ବାଘ୍ଟା ବାଟ୍ରେ କରି ଜଗିସି । ବାଘ୍ ବଲା ଆଜି୍ କାହିଁ ଯିଏ । ତକଇ ଇଲାଗ୍ ଖାବି ବଲା । ଚାଷି ଭାଇ ବଲା ତକଇ ଧରମ୍ କଲି ବଲେ ମକଇ ଖାବେ ନି । ଖା ମକଇ କେମତ୍ ଖାବେ ଯେ । ବାଘ୍ଟା ଭାବିଲା ଚାଷିଭାଇ କଙ୍କଲାଠୁଁ ମକଇ ବଞ୍ଚାଇସି । କେମତ୍ କରି ହେନେ ତାକଇ ଖାବି । ନାଁ ଖାଇଁ । ଚାଷି ଭାଇକଇ ବଲା ତୁଇଁ ତର୍ ବାଟ୍ରେ ଯା । ମୁଇଁ ମର୍ ବାଟ୍ରେ ଯିଇ ବଲା । ଚାଷି ଭାଇ ଆର୍ ବାଘ୍ ନିଜର୍ ନିଜର୍ ଘର୍କଇ ପଲ୍ଲାଇ ।


# ଛେଳିଆ ଟୋକା



ଗୋଟେ ଗାଁରେ ବୁଢ଼ିଟାଇ ଓ ତାର ପୁଅ ରହଥିଲାଇ । ପୁଅକ ସବୁଦିନ୍ ବଣ୍‌କଇ ଛେଳି ଚରାଇବାକଇ ନେଁଇ । ମାଁ ତାର୍ ଦିନେ ମଣ୍ଡା ପିଠା କରିଥାଇ । ମଣ୍ଡା ପିଠା ଧେରି ଛେଳିଆ ଟକା ବଣ୍‌କଇ ଛେଳି ଚରାବୋକଇ ନେଲା । ଛେଳିଗା ଚର ଥିଲାଇ ବଳେ, ଛେଳିଆ ଟକା ଗଛ୍‌ରେ ଚଢ଼ିକରି ପିଠା ଖାଆଥିଲା । ହେତ୍‌କି ବଳେ ଗୁଟେ ଅସୁରୁଣୀ ବୁଢ଼ି ପାସ୍‌କଇ ଆସିଲା । ଆର୍ ଟକାଟାକଇ ବଲା କିସ୍ କରଛସି । ମୁଇଁ ମଣ୍ଡା ପିଠା ଖାଆଛଇଁ ବଲା । ଏ ଟକା ଦେଏତା ଗୁଟେ ଖାଇଁ । ନାଁ ଦେଇଁ ଛେଳିଆ ଟକା ବଲା । ଏ ଟକା ଦେଏତା ଗୁଟେ ଖାଇଁ । ନାଁ ଦେଇଁ ଛେଳିଆ ଟକା ବଲା । ହେତେ ଦିନ୍‌ରୁଁ ଭକ୍ ଲାଗ୍‌ସି ଦେଗୁଟେ ଖାଇଁ । ବୁଢ଼ି ବିକଲ୍ ହେଇକରି ମାଙ୍ଗ୍‌ଲା । ବଲ୍‌କଇ, ଟକାଟା ମଣ୍ଡା ପିଠାଟାଇ ଧେରାଇ ଦେଲା । ହିଁ ବଳେ ଅସୁରୁଣୀ ବୁଢ଼ିଟା ଛେଳିଆ ଟକାକଇ ହାତ୍‌ରେ ଧେରି ପକ୍‌ଲା । ଆର୍ ବୁରାଗୁଟାଇରେ ପୁରାଇ କରି ଭଇଲା । ଗଲା ଯେ ଗଲା ଯେ ବାଟ୍‌ରେ ତାକଇ ହଗ୍ ନାଗିଲା । ବୁଢ଼ି ବୁରାଟା ରଖିଦେଲା ହାର୍ ହଗିଗଲା । ଛେଳିଆ ଟକା ଦାଆଟାଇ ଧେରିଥିଲା । ବୁରାଟା ରଖିଲା ବଳେ ବୁରାଟାକଇ କାଟିଦେଲା । ହେଠାଣୁଁ ବାହାରି ଅଇଲା । ବୁରାଟାରେ କାଠି, କୁଟା, ଟାଙ୍ଗର୍ ପୁରାଇ ଦେଲା । ଆର୍ ତାର୍ ଘର୍‌କି ପଲ୍‌ଲା । ଅସୁରୁଣୀ ବୁଢ଼ି ଘର୍‌କଇ ପହଞ୍ଚିକରି ଦେଖିଲା ଯେ ଟକାଟା ନାଇଁନେ । ଆର୍‌ଦିନ୍ ପୁଣି ସେଇଠିକି ଆସିଲା । ଅସୁରୁଣୀ ବୁଢ଼ି ଛେଳିଆଟକାର ଚାଲାକି ବୁଝି ପାର୍‌ଲା ।



ଛେଳିଆ ଟକା ଗଛ୍‌ଟାରେ ବସି ଖାଆଥିଲା । ଏ ଟକା ପାଞ୍ଚ୍ ଦିନ୍ ହେଲାନେ ମୁଇଁ କିଛି ନାଁ ଖାଇ । ଦେ ଗଟେ ଖାଇ ଦେଖଇଁ । ଛେଳିଆ ଟକା ବୁଢ଼ିର ଚାଲାକ୍ ବୁଝି ସାରିଥିଲା । ତବେ ବି ସିଏ ଧେରାଇ ଦେଲା । ବୁଢ଼ି ଅସୁରୁଣୀ ଧେରି ନେଲା । ଆର୍ ବଲା କାଲର ଭାଇ ମୁକୁଳି ଥିଲେ । ଆଜ୍ ନାଁ ସାଡ଼ଇଁ । ଘର୍‌କଇତା ନେମି । ଘର୍‌କଇ ନେଲା ଆର୍ ନାତଣୀକଇ ବଲା । ଏ ନାତଣୀ ନେ ଆଜି ଆଣିସଇଁ । କାଲର୍ ସିନା ମୁକୁଳି ଥିଲା । ନେ କାଟିକୁଟା କରି ଭାଜିଥିଏ, ମୁଇଁ ଗାଧିଆକଇ ଯାସଇଁ । ନାତଣୀକ ହିଟାଇ କରି ଦେଖିଲା ବଲ୍‌କଇ ଟକାଟାଇ ଆଛି । ଛେଳିଆ ଟକା ବଲା ନନୀ ତର୍ ଲୁଗାଲା ଦେ, ମୁଇଁ କଟିଏ ପିନ୍ଧି ଦେଖଇଁ । ନାତଣୀକ ଲୁଗାଲା ତାକଇ ଦେଲା । ଟକାଟା ଲୁଗାଲା ପିନ୍ଧିଲା ଆର୍ ଝିଇ ବେଶ୍ ସାଜିଲା । ହେଠୁଁ ନାତ୍‌ଣୀକରକଇ ମାରିକରି ଭାଜି ଦେଲା । ଅସୁରୁଣୀ ବୁଢ଼ି ଆସିକରି ବଲା– ନାତଣୀ ଦେ ଖାଇଁ ଭକ୍ ଲାଗ୍‌ସି । କାଢ଼ି ଦେଲା ହାର୍ ଘରକଇ ପଶିଗଲା । ଘର୍ ଭିତ୍‌ରୁ ବଲା ଏ ଆଇ ତୁଇଁ କେଁ ଦିନ୍ ମରିବେ । ଏ ନାତଣୀ ମୁଇଁ ବେଗେ ନାଁ ମରଇଁ । ମର୍ ମୁଣ୍ଡ୍‌ରେ ଗୁଟେ ଧଳା ଚୁଟି ଆସି, ହିଁ ଚୁଟିଟାରେ ମର୍ ଜୀବନ୍‌ଟା ଆସି । ବୁଢ଼ି ଭାତ୍ ଖାଇ ସାରିଲା । ଆର୍ ବଲା ଆଇ ନାତ୍‌ଣୀ ମର୍ ଉଖୁଣିଗା ଖୁଣ୍ଟି ଦେ । ନେ ଖୁଣ୍ଟିଦେ ମୁଣ୍ଡ୍‌ଟା କଣ୍ଡାସି । ଖୁଣ୍ଟି ଦେଉଁ ଦେଉଁ ଛେଳିଆ ଟକା ଚୁଟିଟା ଘିଞ୍ଚି ଦେଲା ବଳେ ଅସୁରୁଣୀ ବୁଢ଼ି ମରିଗଲା । ଛେଳିଆ ଟକା ତାର ଘର୍‌କଇ ପଳାଲା । ବାହାସାହା ହେଇକରି ଘରେ ରହିଲା ।



# ଗଡ଼ି ଗଡ଼ି ଯାଏ ଲାଉ ଧୁଲୁକି

ଗୁଟେ ଗାଁରେ ଝଣେ ବୁଢ଼ି ଥିଲା । ତାର୍ ଗୁଟେ ବଲି ଝିଇ । ସିଏ ତାର୍ ଆଁଖି । ସିଏ ଝିଇକଇ କୁଟିଏ ନାଁ ଦେଖିନେ ରହି ନା ପାରଇ । ଝିଇଟାର୍ ବାହା ହେବା ବଇସ୍ ହେଲାରୁଁ ବାହା କରାଇଲା । ଝିଇଟାକଇ ବାହା ସିନା କରି ଦିସି, ହେନେ ମନ୍‌ରେ କରଥାଇ । କେତେ ଦିନ୍ ପସେ ଝିଇ ତାର୍‌କଇ ଦେଖିବାକଇ ବାହାରି ପଳିଲା । ବୁଢ଼ି ଖଣ୍ଡେ ବାଡି ଧେରିକରି ଚାଲିଲା । ବାଟ୍‌ରେ ପଳିଲା ମେରୁ ପାହାର୍ ବଣ୍‌ଟାଏ । ସିଇ ବଣ୍‌ଟା ପଳାଇ ସାରିନେ, ତାର୍ ଝିଇ ଘର୍ । ଇ ସମଇରେ କେଁଆଲୁ ମୁଣୁଷ୍ ଥିଆ ବାଘ୍‌ଟାଏ ଆସି ତାର୍ ବାଟ୍‌କେ ଜଗିଲା । କାହିଁ ଆସସି ଖନ୍ତେଇ ବୁଢ଼ି । ତକଇ ଆଜି ମୁଇଁ ଜଲ୍‌ଖିଆ କରିଦେବି । ବାଘର୍ କଥା ଶୁଣି ବୁଢ଼ିର୍ କଲିଜା ପାଣି । ସତ୍‌କର ବାଘ୍‌ଟା ଅଖଣ୍‌ତା ଖାଇ ଦେବାକ୍ ବଲି ଭାବିଲା । ବୁଢ଼ି ବାଘ୍‌ଟାକଇ ନେହୁରା ହେଇ ବଲା ବଣ୍ ପଳାଇ ସାରିନେ ମୋର୍ ଝିଇ ଘର୍ । ମୁଇଁ କୁଟିଏ ମର୍ ଝିଇକଇ ଦେଖି ଆସଇଁ । ମୁଇଁ ଆସିନେ ଖାବେ । ମର୍ ବାଟ୍ ଅନାଇଁ ବସିଥିବେ । ବାଘ୍ କହିଲା ହଇ ତବେ ଯା ।



ଯଦି ତୁଇଁ ଇ ବାଟ୍‌ରେ ନାଁ ଆସିବେ ହେନେ, ତର୍ ଘରେ ଯାଇ କରି ତକଇ ଖାବି । ବୁଢ଼ି ବାଘ୍ ମୁଁଉଁରୁ ଶୁଣି ଝିଇ ଘର୍‌କଇ ଗଲା । ଝିଇ ଘରେ  ମାସେ କେତେ ରହିଲା । ଝିଇକଇ ସବୁକଥା କହିଲା । ଝିଇକ ବାଳିକଇ ଯାଇକରି ମେରୁ ପାହାର ଲାଉଟାଏ ତଳି କରି ଆଣିଲା । ଚିକଣ୍ କରି କାଟି ଲାଉ ଭିତର୍‌ଟା ପକାଇ କରି ବୁଢ଼ିକି ଢୁକାଇ ଦେଲା । ଆଉ ଲାଉର ଚାରିଆଳେ ସିଲାଇ କରିଦେଲା । ଲାଉଟାକଇ ଗଡାଇ ଦେଲା । ଲାଉଟା ଗଡ଼ି ଗଡ଼ି ଯାଇ ବଣ୍‌ରେ ପହଞ୍ଚି ଯାଇସି । ବାଘ୍ ଲାଉଟାକଇ ଦେଖି କରି ବଲା ଲାଉ ଧୁଲୁକି, ଲାଉ ଧୁଲୁକି, ଦେଖିସକି ଏକ୍ ବୁଢ଼ିକି । ଲାଉ କହଲା କେଜାଣି ବୁଢ଼ି ଫୁଢ଼ି ମୁଇଁ ନାଁ ଜାଣି । ଯା ଆସଇଁ ଗଡ଼ି ଗଡ଼ି । ବାଘ୍‌ଟା ବୁଢ଼ିଟାକଇ ଖାବାକଇ ଜଗିଥିଲା, ହେଲେ ଲାଉ ନାଁ ଖାଇ । ଗଡ଼ି ଗଡ଼ି ବୁଢ଼ି ତା'ର ଘର୍‌କଇ ପହଞ୍ଚିଲା । ବାଘ୍‌ଟା ବୁଢ଼ିଟାକଇ ନାଁ ଖାଇ ପାର୍‌ଲା ବଳେ ସିଠାଣୁଁ ତାର୍ ଘର୍‌କଇ ପଲ୍‌ଲା ।



# ସାନ୍ ଭାଇର୍ କି ଦୋଷ ଥିଲା

ଗୁଟେ ରାଇଜ୍‌ରେ ସାଦ୍‌ବ ବୁଢ଼ା ଥାଏ । ତାର୍ ସାତ୍‌ଟା ପୁଅ । ଛଅଟା ପୁଅ ବାହା ହି ଥିଲାଇ । ସାନ୍‌ଟା ଅଲ୍‌ସୁଆ ତାର୍ ନାଁ ଟା ଟୁରା । ଛଅ ଭାଇ ଯାକ ଟୁରାକଇ ଜୁର୍ ରାଗନ୍ତି । ଛଅ ବଉଯାକ ଟୁରାକଇ ଭଲ୍ କରନ୍ତି । ଦିନେ ଛଅ ଭାଇ ଟୁରାକେ ମାର୍‌ବା ଲାଗି ଝାଳକଇ ନେମାଁ ବଲି ଭାବିଲାଏଁ । ହେଠାଣୁଁ ଟୁରାର୍ ଦିଦାମାନେ କହିଲାଏଁ । ଚାଲ୍ ଟୁରା ଝାଲ୍‌କଇ କାଠ୍ ଆଣି ଯିଆ କାଠ୍ ନାଇନେ । ଟୁରା ବଲା ମୁଇଁ ନାଁ ଯାଇଁ ମକଇ ଅଲସ୍ ଲାଗସି । ଛଅ ଦିଦା ବଲ୍‌ମାଲ୍ କରି ଟୁରାକଇ କହଲାଏଁ । ହେଠାଣୁଁ ଟୁରା ବି ଅଲ୍‌ସାଇ କରି ଝାଲ୍‌କଇ ବାହାରିଲା । ଛଅ ଦିଦା ଟୁରାକେ ବଡ଼୍ ଗଣ୍ଡିଟାଇ ବୁହାଇ ଦେଲାଏଁ । ଆର୍ ବଲାଇ ଇ ଗଣ୍ଡିଟା ନାଁ ବହି ପାର୍‌ନେ ତକଇ ମାର୍ ମୁଁ । ହେଠାଣୁଁ ଟୁରା ଗଣ୍ଡି୍‌ଟା ବହି କରି ଘର୍‌କଇ ଆଣ୍‌ଲା ଆଉ ବହୁ ମାନ୍‌କର ପାସେ ପକ୍‌ଲା । ଛଅ ଦିଦା ଭାବ୍‌ନାଏଁ କେମନ୍ତ କନେ ଟୁରାକଇ ମାର୍‌ବା ବଲାଇ । ଆଉ ଦିନେ ଟୁରାକେ ପାରଧି ନେମାଁ ହେନେ ମାରି ପାର୍‌ବା ବଲାଇ । ଆର୍ ଦିନ୍ ଟୁରାକଇ ଛଅ ଦିଦା ବଲାଇ । ଚାଲ୍ ଝାଲ୍‌କଇ ଯିଆ ପାରଧି କରି । ସବୁ ଭାଇଲା ଝାଲ୍‌କଇ ପାରଧି କରି ଗଲାଇ । ଝାଲ୍‌ରେ ପହଞ୍ଚି କରି ଛଅ ଦିଦା ଟୁରାକଇ ବଲାଇ । ଏ ଟୁରା ତୁଇ ଚାଲି ଆଣିବେ ହାର୍ ଆମେଁ ଏଠାଣେ ଘାଟ୍ ଜଗ୍‌ମୁଁ ।






ଚାଲି ନାଇଁ ଆଣିନେ ତକଇ ମାର୍‌ମୁଁ । ଛଅ ଦିଦା ଘଟ୍ ପାରଧି ଜଗିଲାଇଁ ଆଉ ଟୁରା ଚାଲି ଆଣିଲା । ହେନେ କିଛି ନାଁ ପାଲାଇ । ହିଠାଣୁଁ ସବୁଦିଦା ଯାକ ଟୁରାକଇ ଜୁର୍ ରାଗ୍ ନାଇଁ । ଆଉ ଟୁରାକଇ ଛଅ ଦିଦା ଯାକ ଧୁଣ୍ କାଣ୍ଡ୍ ଧେରି କରି ମାର୍‌ଲାଇ । କେହି ହେନେ ଟୁରାକି ନାଁ ମାରି ପାର୍‌ନାଏଁ । ପଛ୍‌ରେ ସବିଏଁ ଘର୍‌କଇ ପଳାଇ ଆସିଲାଇ । ହେନେ ଟୁରା ଆଗିଲା ଘରକଇ ପହଞ୍ଚିଲା । ଛଅ ଦିଦା ଟୁରାକଇ ପଚର୍‌ଲାଏଁ । ଏ ଟୁରା ତୁଇଁ କେଁ ବାଟେ ଆଇଲେ । ଟୁରା ବଲା ତମେ ତା ଉମ୍ପର୍ ବାଟେ ଆସ୍‌ଲ ମୁଇଁ ତା ତଳି୍ ବାଟେ ଆସ୍‌ଲି । ହିଇ ଲାଗି ଆଗେ ପହଁଚିଲି । ଛଅ ଦିଦା ଆଉ ଥରେ ଭାବିଲାଇ ଯେ ଇ ଟୁରାକଇ କେମନ୍ତ୍ କରି ମାର୍‌ବା । ଆଉ ଟୁରାକେ କେଁଠାଣ୍‌କଇ ନେଁମା ହେନେ ମାର୍‌ବା । ଆର୍ ଦିନ୍ ଟୁରାକଇ ନଦୀକଇ ଗାଧିଯିଆ ବଲାଇ । ଟୁରା ବଲା ମୁଇଁ ଗାଧିନାଁ ଯାଏଁ । ହେଠାଣୁଁ ଛଅ ଦିଦା ବଲାଇ– ଏ ଟୁରା ତୁଇ ଗାଧି ନାଁ ଯିଏ ହେନେ ତକଇ ଏଠାଣେଁ ମାରିଦେମୁଁ । ହେଠାଣୁଁ ଟୁରା ଛଅ ଦିଦା ସାଙ୍ଗ୍‌ରେ ଗାଧିଗଲା । ସବିଏଁ ଗାଧିପାଧି ସାରି ଢ଼ିପାକଇ ବାହାରିଲାଇ । ଛଅଭାଇ ଟୁରାକେ ଗୁଟେ ବୁରାକଇ ପୁରାଇ ଦେଲାଇ । ଆଉ ନଦୀ ପାଣିକଇ ପକାଇ ଦେଲାଇ । ଆର୍ ଘର୍‌କି ପଳ୍‌ଲାଇ ।



# ମାଙ୍କଡ଼ ଆଉ ଚମ୍ପା




ଗୋଟେ ସାଦ୍‌ବ ବୁଢ଼ାର୍ ସାତ୍‌ଟା ଝିଇ ଥିନାଇଁ । ସାତ୍ ଭଣୀଯାକ ନଦୀକଇ ଗାଧି ଯିଆଲାଗି ହଳ୍‌ଦୀ ବାଟିଲାଇ । ଲୁଗାଲା ଢ଼ିମ୍ପାକଇ ରଖିନାଇଁ ଆର୍ ଗାଧିନାଇଁ । ମାଙ୍କଲ୍‌ଟାଇ ଗଛ ଉମ୍ପ୍‌ରେ ଥାଇ କରି ସବୁ ଦେଖଥିଲା । ସିଏ ବଡ଼୍‌ଟାର୍ ଲୁଗାଟା ନିଁଗଲା । ସମତେ ଗାଧି ସାରି ଲୁଗା ପିନ୍ଧ୍‌ଲାଇ । ଦେଖିଲାଇ ଯେ ବଡ଼୍‌ଟାର୍ ଲୁଗାଟା ନାଁଇନେଁ । ହେଠୁଁ ଖଜିନାଇଁ ଯେ ନାଁ ପାଲାଇ । ଝଣେ ଭଣୀକ ଦେଖିଲା ଯେ ମାଙ୍କଲ୍‌ଟା ଲୁଗାଟା ଧେରି କରି ବସିଛି । ଝଣେ ଭଣୀକ ବଲା - ମାଙ୍କଲ୍ ମାଙ୍କଲ୍‌ଗୋ ଦେନି ମୋର୍ ନାନୀର୍ ଲୁଗାଟା ।

ମାଙ୍କଲ୍ ବଲା- ମାଙ୍କଲ୍ ବଲେ ନାଁ ଦେଇଁ ଗୋ
ଭେଣୋଇଁ ବଲେ ଦେବି ଗୋ

ଛଅ ଭଣୀ ବଲେ - କଷା କେନ୍ଦୁ ଖିଆ ମାଙ୍କଡ଼୍ ଗୋ
ଭୂଇଁକେ ମାରଇ ଚାପଲ୍ ଗୋ
ତକଇ ଭେଣୋଇଁ କହିବୁ ଗୋ

ମାଙ୍କଲ୍ ବଢ଼େ ଚାଲାକ୍ ଥିଲା । ସିଏ ସାତ୍ ଭଣୀକଇ ଲୁଗାଟା ଫେରାଇ ଦେଲା । ଆର୍ ବଡ୍ ଭଣୀଟାକଇ ବାହା ହେଲା । ଛଅ ଭଣୀକ ଘର୍‌କଇ ପଲାନାଇଁ । ବଡ୍‌ଟା ସିଠାଣେଁ ରହିଲା । ଟକିଟାକଇ ବଣ୍‌କେ ନେଇଗଲା । ମାଙ୍କଲ୍‌ଟାର୍ ଡାଲ୍ ପତର୍ ଘରେ ରହିନାଇଁ । ମାଙ୍କଲ୍ ଟକିଟାର୍ ନାଁ ପଚାରିଲା । ତୋର୍ ନାଉଁ କିସ୍ ।





ମୋର୍ ନାଉଁ ଚମ୍ପା । ଚମ୍ପା ହିଁ ବଲେ ମାଙ୍କଲ୍‌ଟାକଇ ବାହାନା କଲା । ସ୍ୱାମୀ ମକଇତା ବଡ଼େ ଭକ୍ ଲାଗଛି । ହିଁ ବଲେ ମାଙ୍କଲ୍‌ଟା ଗୁଟାଇ ଡଲା ଧେରିକରି ବଣ୍‌କଇ ଗଲା । ବଣ୍‌ରୁ ଫଲ୍ ମୂଲ୍ ନିଇକରି ଆସିଲା । ଆର୍ ବଲା ଚମ୍ପାଗୋ ଦୁଗାଲି୍‌ଟା ଖୁଲ୍ । କେତେ ଶଇଛସି୍ । ତକଇ ପରାଇ ଭକ୍ ଲାଗଛି । ମୁଇଁ ଏକା ଆଣି ଦିଛଇଁ, ଖାବେ ହେନେ ନେ । ଖୁଲ୍ ଚମ୍ପା ଦୁଗାଲି୍ ଖୁଲ୍ । ମାଙ୍କଲ୍ ଭାବିଲା ଚମ୍ପା ଭକ୍‌ରେ ମରିଗେଲା । ହିଁ ବଲେ ଦୁଗାଲି୍‌ଟା ଭାଙ୍ଗି ଦେଲା । ଦେଖିଲା ଯେ ଘର୍ ଭିତ୍‌ରେ ଚମ୍ପା ନାଇଁ । ନାଁ ପାଇଲା ବଲ୍‌କଇ କାନ୍ଦ୍‌ଲା ଯେ କାନ୍ଦ୍‌ଲା । ଚମ୍ପାବତୀ ତାର୍ ବୁଆ ଘର୍‌କଇ ପଲ୍‌ଲା କାନ୍ଦିନେ ହେନେ କେଠିଁ ପାଇଆକ୍ । ସିଏ ଭାବିଲା ଚମ୍ପା ନିଶ୍‌ଚଇ ତାର ବାପ୍ ଘର୍‌କଇ ଯାଇଛି । ହିଁ ବଲେ ତା'ର ଶଶୁର୍ ଘର୍‌କଇ ଗଲା । ତମର୍ ଝୀଇକ ଏଠାକଇ ଆସିଛି କି ? ନାଁ ତା ନାଁ ଆସି, କେଁ ଆଲେ ଗଲା ଯେ ବଲାଇ । ମାଙ୍କଲ୍‌ଟା ତାର ଘର୍‌କଇ ପଲାଇବାକେ ବାହାରିଲା । ଶଶୁର୍‌କ ବଲା କଟିଏ ରହ ଜୁଆଇଁ ଖାଇକି ଯିବ । ମୁଇଁତା ତାକଇ ଖଜି ଖଜି ଗାଧିପାଧି ନାଇଁ । ଏଠି ଗାଧି ଦେବ ବଲା । ତା ପରେ ଶଶୁର୍‌କ ଗୁଟାଇ ଗାତ୍ ଖଳିଲା । ଆର୍ ପାଣି ତତ୍‌ଲା । ଆସ ଜୁଆଇଁ ଗାତ୍ ଭିତ୍‌ରେ ପଶ, ମୁଇଁ ପାଣି ଢ଼ାଳି ଦେମି ବଲା । ଜୁଆଇଁକ ଗାତ୍ ଭିତରେ ଢୁକିଲା ବେଲ୍‌କଇ, ତତ୍‌ଲା ପାଣିଲା ଆଣିକରି ଢ଼ାଳିଲା । ମାଙ୍କଲ୍ ଗାତ୍ ଭିତ୍‌ରେ ଫଲ୍‌କି ଫଲ୍‌କି ମଲା । ସାତ୍ ଭଣୀ ପୁଣି ଥରେ ଭଲ୍‌ରେ ରହିଲାଇ ।

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର